## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ଚିନାମାଳି ପଶି ଗୋଧୂରାମପଡା ଗ୍ରାମରେ ଭାଲୁ ଆକ୍ରମଣରେ ବୁଧବାର ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଘନଶ୍ୟାମ ମୁଣ୍ଡା। ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସକାଳ ୫ଟାରେ ଘନଶ୍ୟାମ ଶୌଚ ହେବାକୁ ଗାଁ ମୁଣ୍ଡ ପୋଖରୀ ନିକଟକୁ ଯାଇଥିବା ବେଳେ ୨ ଶାବକଙ୍କ ସହ ବୁଦା ମୂଳେ ଲୁଚିଥିବା ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ଘନଶ୍ୟାମଙ୍କ ଡାହାଣ କାନ୍ଧରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ପୋଖରୀ ନିକଟରେ ବାର୍ହା
#### ବନ ବିଭାଗ ପହଞ୍ଚିବା ପୂର୍ବରୁ ଖସି ପଳାଇଲା

ଖଇରା, ୧୫।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ମୁନୀ ପଡିଆ ପୋଖରୀ ନିକଟରେ ମଙ୍ଗଳବାର ଏକ ବାର୍ହା ପାଣି ପିଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପରେ ସେମାନେ ଔପଦା ଫରେଷ୍ଟରଙ୍କୁ ଖବର ଦେଇଥିଲେ। ହେଲେ ବନ ବିଭାଗ ଟିମ୍ ୫ଘଣ୍ଟା ବିଳମ୍ବରେ ପହଞ୍ଚିବା ବେଳକୁ ବାର୍ହା ନିକଟସ୍ଥ ଜଙ୍ଗଲ ଭିତରକୁ ପଳାଇଥିଲା। ବନ ବିଭାଗ ଅଳ୍ପ କିଛି ସମୟ ଅନୁଧାନ କରି ଖାଲି ହାତରେ ଫେରି ଯାଇଥିଲେ। ଉକ୍ତ ବାର୍ହା ପାଣି ପିଉଥିବା ବେଳେ ଶହ ଶହ ଗ୍ରାମବାସୀ ପୋଖରୀ ଅନ୍ୟ ପାର୍ଶ୍ୱରେ ଛିଡା ହୋଇ ଦେଖିଥିଲେ।

### ରାସ୍ତାକଡ଼ରୁ ଦିବ୍ୟାଙ୍ଗ ଯୁବକଙ୍କ ମୃତଦେହ ଜବତ

ଖଇରା, ୧୫।୬(ଡି.ଏନ.ଏ.)-ଖଇରା ଥାନା ଅଧୀନ ପତିରାଜପୁର-ଡୁଙ୍ଗୁରା ରାସ୍ତାକଡରୁ ମଙ୍ଗଳବାର ଅପରାହ୍ନରେ ଏକ ଅଚିହ୍ନା ଦିବ୍ୟାଙ୍ଗ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ପଠାଇଛି ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଗୋଟିଏ ଗୋଡ଼ ନ ଥିବା ଉକ୍ତ ଯୁବକ ହୋଲି ପରଠାରୁ ଭଦ୍ରକ ଅଞ୍ଚଳରୁ ଆସି ପତିରାଜପୁରରେ ରହି ମାଗି ଚଳୁଥିଲେ। ମଙ୍ଗଳବାର ପ୍ରବଳ ଖରାରେ ସେ ବାଡି ଧରି ଚାଲି ଚାଲି ଡୁଙ୍ଗୁରା ଅଭିମୁଖେ ଯାଉଥିବା ଲୋକେ ଦେଖିଥିଲେ। ଅଂଶୁଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀ କହିଛନ୍ତି।

### ମୋଟର ଚାଳକ ସଂଘର ବୈଠକ

ସାରସକଣା,୧୫।୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଝାରପୋଖରିଆ ଅଞ୍ଚଳର ଆଶୀର୍ବାଦ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ମୋଟର ଚାଳକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା କମିଟି ଗଠନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲା ପ୍ରଭାରୀ ଭାଗିରଥି ମହାକୁଡ଼, ସମ୍ମାନୀତ ଅତିଥି ଭାବେ ମହେଶ୍ୱର ମହାନ୍ତଙ୍କ ସମେତ ସମସ୍ତ ଶାଖାର ସଭାପତି, ସମ୍ପାଦକ ଏବଂ ସଦସ୍ୟ ଉପସ୍ଥିତ ଥିଲେ। ବିଧାନସଭାରେ ଆଇନ ପ୍ରଣୟନ କରି ଡ୍ରାଇଭରମାନଙ୍କ ପାଇଁ କଲ୍ୟାଣ ପାଣ୍ଠି ଗଠନ, ଶ୍ରମ କାର୍ଡ, ସାମାଜିକ ସୁରକ୍ଷା, ବସ୍ ଷ୍ଟାଣ୍ଡମାନଙ୍କରେ ଶୌଚାଳୟ ଓ ଆଶ୍ରୟସ୍ଥଳ ନିର୍ମାଣ, ପେନସନ ଯୋଜନା ଭଳି ୯ଦଫା ଦାବି ଉପସ୍ଥାପନ କରାଯାଇଥିଲା। ପୂର୍ବରୁ ହୋଇଥିବା ସଂଘର ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ବିସ୍ତୃତ ଆଲୋଚନା ହୋଇଥିଲା।

### ୬୪ ୟୁନିଟ୍ ରକ୍ତ ସଂଗ୍ରହ

ବାରିପଦା ଅଫିସ,୧୫।୬- ବିଶ୍ୱ ରକ୍ତଦାତା ଦିବସ ଅବସରରେ ବାରିପଦା ରୋଟାରୀ ଭବନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାରିପଦା ବ୍ଲଡ଼ ବ୍ୟାଙ୍କର ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକ ଏବଂ ଅନ୍ୟ ୬ଜଣ କର୍ମଚାରୀ ଓ ସମାଜସେବୀ ଅମର ସେଠୀଙ୍କ ସହାୟତାରେ ଉକ୍ତ ଶିବିରରୁ ୬୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସଭାପତି ରୋଟାରିଆନ ରାଜକୁମାର ଖଣ୍ଡେଲୱାଲ ଓ ସମ୍ପାଦକ ରୋଟାରିଆନ ରାକେଶ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ ରୋଟାରୀ କ୍ଲବ, ରୋଟ୍ରାକ୍ଟ କ୍ଲବର ସଦସ୍ୟା ଓ ସଦସ୍ୟ, ସ୍ଥାନୀୟ ଅଧିବାସୀ ଏବଂ ବିଭିନ୍ନ ମହାବିଦ୍ୟାଳୟର ଯୁବ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ।

# ସରକାରୀ ସ୍କୁଲରେ ୩୫୮ ଶିକ୍ଷକ ପଦବୀ ଖାଲି

**କେନ୍ଦୁଝରରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ**

କେନ୍ଦୁଝର, ୧୫।୬ (ସ୍ୱ.ପ୍ର.)

ରାଜ୍ୟ ସରକାର ୫ଟି ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାରେ ସରକାରୀ ଉଚ୍ଚ ବିଦ୍ୟାଳୟର ଭିତି ଭୂମିର ବିକାଶ କରି ପାଠ ପଢିବାର ଉନ୍ନତ ପରିବେଶ ସୃଷ୍ଟି କରୁଛନ୍ତି । କିନ୍ତୁ ଖାଲି ଥିବା ଶିକ୍ଷକ ପଦବୀ ପୂରଣ ନେଇ ତତ୍ପରତା ଦେଖାଉ ନ ଥିବାରୁ ପାଠପଢା ବ୍ୟାହତ ହେଉଛି। ଜିଲାରେ ୩୫୮ ଶିକ୍ଷକ ପଦବୀ ଖାଲି ପଡିଛି। ଗତ ଡିସେମ୍ବର ୧୬ ତାରିଖରେ କେନ୍ଦୁଝର ଜିଲାରେ ୩୪୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ଏବଂ କ୍ରୀଡ଼ା ଶିକ୍ଷକ ନିଯୁକ୍ତି କରିଛନ୍ତି। ଆଉ କିଛି ଦିନ ପରେ ଅର୍ଥାତ ଜୁନ ୧୭ ତାରିଖରେ ନୂଆ ଶିକ୍ଷାବର୍ଷ ଆରମ୍ଭ ହେଉଥିଲେ ହେଁ ଶିକ୍ଷକ ସମସ୍ୟାକୁ ନେଇ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କ ପାଇଁ ଚିନ୍ତା ବଢାଇଦେଇଛି। ଏଣୁ ଆଗ୍ରହ ଥିଲେ ମଧ୍ୟ ବହୁ ମେଧାବୀ ଛାତ୍ରୀଛାତ୍ର ଘରୋଇ ବିଦ୍ୟାଳୟ ମୁହାଁ ହେବାକୁ ବାଧ୍ୟ ହେଉଛନ୍ତି।

ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ଉନ୍ନତ ପରିବେଶର ଆବଶ୍ୟକତା ରହିଛି। ଏଥିପାଇଁ ଭିତ୍ତିଭୂମୀର ବିକାଶକୁ ସମସ୍ତେ ସ୍ୱାଗତ କରୁଛନ୍ତି। କିନ୍ତୁ ଶିକ୍ଷକ ପଦବୀ ପୂରଣ ନ କରି ଶିକ୍ଷାର ବିକାଶ ଚିନ୍ତା କରିବା କେତେଦୂର ଯର୍ଥାଥ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ସାମ୍ପ୍ରତିକ ପରିସ୍ଥିତିରେ ସରକାରୀ ସ୍କୁଲର ଶିକ୍ଷା ବ୍ୟବସ୍ଥାକୁ ନେଇ ବହୁ ପୂର୍ବତନ ଶିକ୍ଷକ ତଥା ଶିକ୍ଷାବିତ ମାନେ ଚିନ୍ତା ପ୍ରକଟ କରୁଛନ୍ତି। ଶିକ୍ଷାର ମାନ କମିବାକୁ ଲାଗିଥିବା ବେଳେ ପାଠ ପଢାଇବାକୁ ଅଭିଭାବକ ମାନେ ମୁହଁ ଫେରାଉଛନ୍ତି। ଜିଲାରେ ଥିବା ୨୦୮ ସରକାରୀ ବିଦ୍ୟାଳୟରେ ଏବେ ୩୫୮ ଶିକ୍ଷକ ଓ ଶିକ୍ଷୟିତ୍ରୀ ପଦବୀ ଖାଲି ରହିଥିବାବେଳେ ଶିକ୍ଷାର ଗୁଣାତ୍ମକ ମାନକୁ ନେଇ ସ୍ୱାଭାବିକ ଭାବେ ସଂଶୟ ସୃଷ୍ଟି ହୋଇଛି। ସାଧାରଣରେ ଅଭିଯୋଗ ହୁଏ ଯେ, ସରକାରୀ ବିଦ୍ୟାଳୟ ଗୁଡ଼ିକରେ ସଂସ୍କୃତ ଶିକ୍ଷକମାନେ ବିଜ୍ଞାନ ପଢ଼ାଉଥିବାବେଳେ କ୍ରୀଡ଼ା ଶିକ୍ଷକମାନେ ଇତିହାସ, ଭୂଗୋଳ, ଗଣିତ,ହିନ୍ଦୀ ପଢ଼ାଉଛନ୍ତି । ଗତ ମାସ ଶେଷ ସୁଦ୍ଧା ଜିଲାରେ ଖାଲିଥିବା ୩୫୮ ଶିକ୍ଷକ/ଶିକ୍ଷୟିତ୍ରୀ ପଦବୀ ମଧ୍ୟରୁ ୪୮ ବିଜ୍ଞାନ(ପିସିଏମ) ଶିକ୍ଷକ, ୩୪ ବିଜ୍ଞାନ (ସିବିଜେଡ) ଶିକ୍ଷକ ,୨୩ କଳା ଶିକ୍ଷକ, ୩୫ ତାଲିମପ୍ରାପ୍ତ ମାଟ୍ରିକ ଏବଂ ଆଇଏ/ଆଏସସି ,୧୭ ତାଲିମପ୍ରାପ୍ତ ମାଟ୍ରିକ, ୩୪ ସଂସ୍କୃତ ଶିକ୍ଷକ, ୭୩ ହିନ୍ଦୀ ଶିକ୍ଷକ, ୪୯ ଖେଳ ଶିକ୍ଷକ ପଦବୀ ଖାଲି ପଡିଛି। ଜିଲାରେ ୬୨ ହାଇସ୍କୁଲରେ ପ୍ରଧାନଶିକ୍ଷକ ନାହାନ୍ତି। ଏଣୁ ତୁରନ୍ତ ସରକାର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଶୀଘ୍ର ଶେଷ କରିବାକୁ ଦାବି ହୋଇଛି। ଏନେଇ ଜିଲା ଶିକ୍ଷାଧିକାରୀ ପୂର୍ଣଚନ୍ଦ୍ର ସେଠୀ କହିଛନ୍ତି ଯେ ଖୁବ ଶୀଘ୍ର ଶିକ୍ଷକ ନିଯୁକ୍ତି କରାଯିବ। ଜିଲାରେ ମୋଟ ୧୭୪୮ଜଣ ମଞ୍ଜୁରୀପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ୧୩୯୦ ଜଣ ଶିକ୍ଷକ ଥିବାବେଳେ ୩୫୮ଶିକ୍ଷକ ପଦବୀ ଖାଲି ପଡିଛି। ସେହିପରି ମଞ୍ଜୁରୀପ୍ରାପ୍ତ ୨୦୨ଟି କିରାଣୀ ପଦବୀରୁ ୯୫ ଜଣ କାମ କରୁଥିବାବେଳେ ୧୦୭ ପଦବୀ ଖାଲିପଡିଛି।

# ଆଜି ୧୨ଘଣ୍ଟିଆ ବାଲେଶ୍ୱର ବନ୍ଦ



ବାଲେଶ୍ୱର ବନ୍ଦକୁ ସଫଳ ନିମନ୍ତେ ପ୍ରଚାର ଅଭିଯାନ।

**ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରଚାର ଅଭିଯାନ**

ବାଲେଶ୍ୱର ଅଫିସ,୧୫।୬

ବାଲେଶ୍ୱର ଜିଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଗୁରୁବାର ୧୨ଘଣ୍ଟିଆ ବନ୍ଦ ପାଳନ କରାଯିବ। ଏଥିନିମନ୍ତେ ଗତ ଦୁଇଦିନ ଧରି ସହରରେ ପ୍ରଚାରପତ୍ର ବଣ୍ଟନ ଓ ପଥପ୍ରାନ୍ତ ସଭାରେ ଏହି ବନ୍ଦକୁ ସମର୍ଥନ କରିବାକୁ ବିଭିନ୍ନ ଗଣସଙ୍ଗଠନ ପକ୍ଷରୁ ନିବେଦନ କରାଯାଇଛି।

ଏହି ପରିପ୍ରେକ୍ଷୀରେ ବୁଧବାର ବଙ୍କାଖଜୁରୀ ଛକ, ସୁନହଟ ଛକ, ଗୋଳାପୋଖରୀ ଛକ, ମଣ୍ଡଳ ମାର୍କେଟ୍ ଓ ସିନେମା ଛକ ଆଦି ଅଞ୍ଚଳରେ ବ୍ୟାପକ ପ୍ରଚାର ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ସେହିପରି ଅପରାହ୍ନରେ ଶତାଧିକ ମୋଟର ସାଇକେଲ୍ ଆରୋହୀ ସହର ପରିକ୍ରମା କରି ବାଲେଶ୍ୱର ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ପଥପ୍ରାନ୍ତ ସଭା ଓ ପ୍ରଚାର ଅଭିଯାନରେ ଜିଲା ଓକିଲ ସଂଘର ସଭାପତି ମନୋଜ ନାୟକ, ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ଜୟନ୍ତ ଦାସ, ଅବଦୁଲ ରଫିକ୍, ବିକ୍ରମ ପଣ୍ଡା, ବନ୍ଦନା ପାତ୍ର, ଶ୍ୟାମସୁନ୍ଦର ଜେନା, ଆଇନଜୀବୀ ସଞ୍ଜିତ୍ ପତି ଓ ବିଚିତ୍ରାନନ୍ଦ ଦାସ, କମଳାକାନ୍ତ ଗ୍ରହାଚାର୍ଯ୍ୟ, ଅଭୟ କୁମାର ସ୍ୱାଇଁ, ସନ୍ତୋଷ କୁମାର ସାହୁ ଓ ଯତୀନ୍ ପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

ବାଲେଶ୍ୱରରେ ଚୋରି, ଡକାୟତି, ହତ୍ୟା, ରାହାଜାନି ଓ ବ୍ୟାପକ ନିଶାକାରବାର ବିରୋଧରେ ପୋଲିସ୍‌ର ନିଷ୍କ୍ରିୟତାକୁ ଦାୟୀ କରି ଏହି ବନ୍ଦ ଡାକରା ଦିଆଯାଇଛି ବୋଲି ଜିଲା ଓକିଲ ସଂଘ ଓ ବାଲେଶ୍ୱର ସିଭିଲ୍ ସୋସାଇଟି ତରଫରୁ ଜନସାଧାରଣଙ୍କୁ ଅବଗତ କରାଯାଇଛି। ଏହି ଆହ୍ୱାନକୁ ସମର୍ଥନ କରି ଜିଲାର ପ୍ରାୟ ୬୦ ଉର୍ଦ୍ଧ୍ୱ ଗଣସଙ୍ଗଠନ, ସାମାଜିକ ସଙ୍ଗଠନ, ଶ୍ରମିକ ଓ ମହିଳା ସଙ୍ଗଠନ ସମେତ ବହୁ ରାଜନୈତିକ ଦଳ ସମର୍ଥନ ଜଣାଇଛନ୍ତି।

# ୨୦୨୨ ସେଣ୍ଡକାପ ରଜ ମହୋତ୍ସବ

କେନ୍ଦୁଝର ୧୫।୬ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମ ପଞ୍ଚାୟତ ସେଣ୍ଡକାପ ଗ୍ରାମରେ ଜିଲାର ଗଣପର୍ବ ରଜ ପର୍ବ ୨୦୨୨ ଧୁମ୍‌ଧାମରେ ପାଳନ ଚାଲିଛି। ମଙ୍ଗଳବାର ଶରତ ଚନ୍ଦ୍ର ମହାନ୍ତ ସଭାପତିତ୍ୱରେ ଏହି ଉତ୍ସବର ଉଦ୍‌ଘାଟନ ହୋଇଥିଲା। ବୁଧବାର ରଜରେ ପାଗ ଅନୁକୂଳ ଥିବାରୁ ଆଖପାଖ ଲୋକଙ୍କ ଭିଡ଼ ଜମି ଥିଲା। ପୁଅଝିଅ ଠାରୁ ବୁଢ଼ାବୁଢ଼ୀ ସମସ୍ତେ ମହୋତ୍ସବ ବୁଲିବା ସହ ବିଭିନ୍ନ ପ୍ରକାରର ଦୋଳି ଖେଳି ମଜା ଉଠାଇଛନ୍ତି। ଖାଇଦୋଳି, ପଟା ଦୋଳି ପ୍ରଭୃତି ରଜ ଦୋଳି ଖେଳ ଆରମ୍ଭ ହୋଇଛି। ସୁମିତ୍ରା ଦଣ୍ଡପାଟ,ସରୋଜିନୀ ନାଏକ, ବୁଦ୍ଧିଆ ନାଏକ, ରସାନନ୍ଦ ଘଣା, ଗାଲମାଧବ ପଲେଇ, ପଦ୍ମନାଭ, ବୈରାଗୀ, ପବନା, ପରମେଶ୍ୱର, ଦେବେନ୍ଦ୍ର, କାର୍ତିକ, ଯୁଧିଷ୍ଠିର, କେଶବ, ହାଡୁ ଦେବାନନ୍ଦ ପ୍ରମୁଖ ସେଣ୍ଡକାପ ରଜ କମିଟିର ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇ ଶୁକ୍ରବାର ଉଦଯାପିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆ ଯାଇଛି।

# ରଜଗୀତ ଭେଟି ଦେଲେ ଶ୍ରୀମନ୍ତ, ନିବେଦିତା


ଉନ୍ମୋଚନ ଅବସରରେ ଅତିଥି ଏବଂ କଳିଙ୍ଗ ଭାରତୀ ଫାଉଣ୍ଡେଶନର ସଦସ୍ୟ।

ଖଇରା, ୧୫।୬(ଡି.ଏନ.ଏ.)

ଦିଲ୍ଲୀରେ ଓଡିଆଙ୍କ ମନ ଜିଣୁଥିବା ଖଇରା ଅଞ୍ଚଳରୁ ଯୁବ ଦମ୍ପତି ଶ୍ରୀମନ୍ତ ବିଶ୍ୱାଳ ଓ ନିବେଦିତା ଜେନା ରଜ ଅବସରରେ ପୁଣି ଥରେ ଓଡିଆମାନଙ୍କୁ ଭିନ୍ନ ସ୍ୱାଦର ଗୀତ ଭେଟି ଦେଇଛନ୍ତି। ରବିବାର କଳିଙ୍ଗ ଭାରତୀ ଫାଉଣ୍ଡେଶନ ପକ୍ଷରୁ ଗୁରୁଗାଓଁ ଠାରେ ଅନୁଷ୍ଠିତ ରଜ ମହୋତ୍ସବରେ କଭର ସଙ୍ଗୀତ 'ମୋ ଗାଁ ଆଜି ସହର ସହର ବାସୁଛି'ର ନୂଆ ଭର୍ସନ ୟୁଟ୍ୟୁବ ଚ୍ୟାନେଲ ମାଧ୍ୟମରେ ଉନ୍ମୋଚିତ ହୋଇଯାଇଛି। ଏହି ସାଂସ୍କୃତିକ ସନ୍ଧ୍ୟାରେ ଏବଂ ସଙ୍ଗୀତ ଉନ୍ମୋଚନ କାର୍ଯ୍ୟକ୍ରମରେ କେନ୍ଦ୍ର ଶକ୍ତି ଓ ଆଦିବାସୀ କଲ୍ୟାଣ ବିଭାଗ ସଚିବ ଡଃ ଏସ୍.କେ. ଜେନା, ବିଏସ୍‌ଏଫ୍‌ର ପୂର୍ବତନ ଏଡିଜି ପିକେ ମିଶ୍ର, ଗୁରୁଗ୍ରାମ ବିଧାୟକ ସୁଧୀର ସିଙ୍ଗଲା, କଳିଙ୍ଗ ଭାରତୀ ଫାଉଣ୍ଡେଶନ ସଭାପତି ଅକ୍ଷୟ କୁମାର ସାମଲ, ସଞ୍ଜୟ କୁମାର ଦାସ, ସଞ୍ଜୟ ବେହେରା, ସୁଧାଂଶୁ ପାଢୀ, ବିଜୟ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଶିଳ୍ପପତି ତଥା ବିଜେଡି ନେତା ଶଶିକୁମାର ସାହୁଙ୍କ ପ୍ରୟୋଜନାରେ ଏହା ପ୍ରସ୍ତୁତ ହୋଇଛି। ଗତ ଥରର ଗୀତ ମୁଁ ଯିବି ଯିବିର ବହୁଳ ସଫଳତା ପରେ ଚଳିତ ଥର ଏହି ଗୀତ ମୋ ଗାଁ ମଧ୍ୟ ଶ୍ରୋତାଙ୍କ ମନଛୁଇଁ ପାରିବ ବୋଲି ଉଭୟ ଶ୍ରୀମନ୍ତ ଓ ନିବେଦିତା ବେଶ ଆଶାବାଦୀ।

# ୪ ରକ୍ତଦାତା ସମ୍ମାନିତ

ଚମ୍ପୁଆ, ୧୫।୬(ଡି.ଏନ.ଏ.)

ଚମ୍ପୁଆ ଓଡ଼ିଶା ରକ୍ତ ଭଣ୍ଡାର ପକ୍ଷରୁ ମଙ୍ଗଳବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ସ୍ୱେଚ୍ଛାକୃତ ରକ୍ତଦାନ ଲାଗି ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ ୧୪ ତାରିଖକୁ ବିଶ୍ୱ ରକ୍ତଦାତା ଦିବସ ଭାବେ ପାଳନ କରାଯାଇଆସୁଛି। ଏହି ପରିପ୍ରେକ୍ଷୀରେ ଉପଖଣ୍ଡ ଚିକିତ୍ସାଳୟର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଭୀଷ୍ମ ପରିଡା ଓ ଓଡିଶା ରକ୍ତ ଭଣ୍ଡାର(ଚମ୍ପୁଆ) ଡା. ଜ୍ୟୋତିରଞ୍ଜନ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରୁ ଲୋକଙ୍କୁ ସଚେତନ କରିବା ପାଇଁ ଏକ ରାଲି ବାହାରି ସହର ପରିକ୍ରମା କରିଥିଲା। ନିୟମିତ ବ୍ୟବଧାନରେ ରକ୍ତଦାନ କରୁଥିବା ଖବରଦାତା ମହେଶ୍ୱର ଦାସ, ଖବରଦାତା ସଞ୍ଜିବ କୁମାର ରାଜ, ଯୁବ ସମାଜସେବୀ ସାହରୁଜ ଜିଆ ଓ ମସରୁଲ ଆଲାମଙ୍କୁ ଉପଜିଲାପାଳ ପ୍ରତାପ ପ୍ରିତିମୟ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ।


ଉପଜିଲାପାଳ ପ୍ରତାପ ପ୍ରୀତିମୟ ରକ୍ତଦାତାଙ୍କୁ ସମ୍ମାନିତ କରୁଛନ୍ତି।

# ବ୍ରୟଲର ଫାର୍ମରେ ଚିଆଁ ଛାଡିବାକୁ ବିରୋଧ

**ଗ୍ରାମବାସୀ ଥାନାର ଦ୍ୱାରସ୍ଥ**

ପାଟଣା,୧୫।୬(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ପଞ୍ଚାୟତ ଅଙ୍କୁରା ଗ୍ରାମର ଝପାସାହିରେ ଏକ ବ୍ରୟଲରଫାର୍ମରେ ବୁଧବାର ସକାଳୁ ଫାର୍ମ ମାଲିକ ନିତ୍ୟାନନ୍ଦ ମହାନ୍ତ ଚିଆଁ ଛାଡିବାକୁ ନେଇ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ବିରୋଧ କରି ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ପାଟଣା ଥାନା ଦ୍ୱାରସ୍ଥ ହୋଇଛନ୍ତି। ଏହାପୂର୍ବରୁ ଗାଁରେ ଚାଲୁଥିବା ୪ ବ୍ରୟଲର ଫାର୍ମକୁ ଗ୍ରାମବାସୀ ବିରୋଧ କରିବାରୁ ସେଗୁଡିକ ଏବେ ବନ୍ଦ ହୋଇ ପଡିଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଜନବସତି ଠାରୁ ମାତ୍ର ୫୦ ମିଟର ଦୂରରେ ବେଆଇନ ଭାବେ ନିର୍ମିତ ଫାର୍ମ ଚାଲିଲେ ପରିବେଶ ପ୍ରଦୂଷିତ ହେବା ସହ ସାହି ଲୋକଙ୍କ ସ୍ୱଭାବିକ ଜୀବନ ଯାପନରେ ବାଧା ଉପୁଜିବ। ଫାର୍ମରୁ ନିର୍ଗତ ଦୁର୍ଗନ୍ଧ ଓ ବର୍ଜ୍ୟବସ୍ତୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବ ବୋଲି ଲୋକେ ଏହାକୁ ବିରୋଧ କରୁଛନ୍ତି। ପ୍ରଶାସନ ଏହାର ହସ୍ତକ୍ଷେପ କରି ଫାର୍ମକୁ ବନ୍ଦ ନ କଲେ ଆଗାମୀ ଦିନରେ ଗ୍ରାମବାସୀଙ୍କ ତରଫରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

# କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

କୁଆମରା,୧୫।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ପୁରୁଣା ବାରିପଦା–ପଶୁଦା ରାସ୍ତାର ଅଛଡ଼ାସ୍ଥିତ ନାଲୁହା ନଦୀ ନିକଟରେ ବୁଧବାର କାର୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଆହତ ବାଇକ୍ ଚାଳକ ହେଲେ ଗୋପବନ୍ଧୁ ନଗର ବ୍ଲକ ରାଣୀବନ୍ଧ ପଞ୍ଚାୟତ ଦାମୋଦର ପୁର ଗ୍ରାମର ବିଦ୍ୟୁନାଥ ହୋତାଙ୍କ ପୁଅ ଲଳିତ କୁମାର। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଆହତଙ୍କୁ ଉଦ୍ଧାର ବଡ଼ସାହି ଡାକ୍ତର ଖାନାରେ ଭର୍ତ୍ତି କରିଛନ୍ତି।

# 'ଲୋକକଳା ମାଧ୍ୟମରେ ପରମ୍ପରା ବଞ୍ଚିରହେ'

ବାରିପଦା ଅଫିସ,୧୫।୬

ବାରିପଦାସ୍ଥିତ ବାବା ବୁଢା ରାଉଳ ମଠ ପ୍ରାଙ୍ଗଣରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟ ମୟୂରଭଞ୍ଜ ଜିଲା କମିଟି ପକ୍ଷରୁ ଦାସକାଠିଆ ମାଧ୍ୟମରେ ଲୋକକଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମ୍ମୁଖ୍ୟର ଜିଲା ସଂଯୋଜକ ଦୀପକ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଅତିଥି ଭାବେ ବିଶିଷ୍ଟ ଗାନ୍ଧିବାଦୀ ସମାଜସେବୀ ଆର୍ଯ୍ୟଭଟ୍ଟ ମହାନ୍ତି, ପଣ୍ଡିତ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଲୋକକଳା ଓ ଲୋକ ସଂସ୍କୃତି ହିଁ ସମାଜରେ ଭାଇଚାରାର ପରମ୍ପରାକୁ ଆଗକୁ ନେଇ ସାମାଜିକ ସମନ୍ୱୟ ସୃଷ୍ଟି କରିଥାଏ ବୋଲି କହିଥିଲେ। ଏହି ଅବସରରେ ସାମ୍ମୁଖ୍ୟର କଳାକାର ଦାସକାଠିଆ ଗାୟକ ହାଡିବନ୍ଧୁ କର, ଶ୍ରୀପାଳିଆ ନଳୀନ କର ଏବଂ ସାଥିମାନେ ଆକର୍ଷଣୀୟ ଦାସକାଠିଆ ପରିବେଷଣ କରିଥିଲେ। ତେବେ ଏହି ଲୋକକଳା ଦିବସ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ସାରା ରାଜ୍ୟରେ ପାଳନ କରାଯାଉଥିବା ବେଳେ, ଭର୍ଚୁଆଲ ମାଧ୍ୟମରେ ସାମୁଖ୍ୟର ରାଜ୍ୟସ୍ତରୀୟ ନେତୃବୃନ୍ଦ ଏବଂ ଅତିଥିମାନେ ଯୋଡ଼ି ହୋଇ କଳାକାର ସଂଗଠକମାନଙ୍କ ସହ ଆଲୋଚନା କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। କୁଳିଅଣା ବ୍ଲକ ସଂଯୋଜକ ଦିଲ୍ଲୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ଦର୍ଶକ ଯୋଗଦେଇ ଦାସକାଠିଆ ଉପଭୋଗ କରିଥିଲେ।

# ସମ୍ବଲପୁରୀ ନୃତ୍ୟର ମଜା ନେଲେ ଦର୍ଶକ

ଭଦ୍ରକ ଅଫିସ,୧୫।୬

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ମହିଷିଗୋଠ ପଞ୍ଚାୟତ ଟିକିରା ବରଗଛ ପଡ଼ିଆଠାରେ ୧୭ତମ ରଜମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବକୁ ସ୍ଥାନୀୟ ସରପଞ୍ଚ ବିନୋଦିନୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟିର ସଭାପତି ମନ୍ମଥ କୁମାର ଦାସଙ୍କ ସମେତ ମାନସରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ବାରିକ, ଯୁବନେତା ଗୋପାଳକୃଷ୍ଣ ଦାଶ, ସତ୍ୟଭାମା କର, ସୁଶାନ୍ତ ଦାସ, ଅକ୍ଷୟ ମଲ୍ଲିକ, ପ୍ରଶାନ୍ତ ବେହେରା, ଜଗନ୍ନାଥ ଦାସ, ମାୟାଧର ବେହେରା, ରମେଶ ବେହେରା, ଶୁଭ୍ରାଂଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଆୟୋଜିତ ସଭାକୁ କମିଟି ସଭାପତି ମନ୍ମଥ ଦାସ ପରିଚାଳନା କରିଥିବା ବେଳେ ହେମନ୍ତ ସିଂହ ସଭାପତିତ୍ୱ କରିଥିଲେ। ଏଥିରେ ନୃତ୍ୟଗୁରୁ ରାଜେଶ ଗୋଲା ଅତିଥିଭାବେ ଯୋଗ ଦେଇଥିଲେ। ଏହି ମହୋତ୍ସବରେ ରଜୋବତୀ ଠାକୁରଙ୍କ ମୃଣ୍ମୟ ମୂର୍ତ୍ତି ସମେତ ବିଭିନ୍ନ ପ୍ରକାରର ଦୋଳି ଓ ମୀନା ବଜାର ବରଗଛ ପଡ଼ିଆରେ ଶୋଭା ପାଉଛି। ପ୍ରଥମ ଦିନରେ ସୁଦୂର ବରଗଡ଼ରୁ ଆସିଥିବା ସଙ୍ଗୀତ ସମିତି ସମ୍ବଲପୁରୀ ନୃତ୍ୟଦଳ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ସଭା, ପ୍ରତିଭା ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ମହୋତ୍ସବ ୧୭ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଚାଲିବ। କମିଟିର ସୁରେଶ ବେହେରା, ଲକ୍ଷ୍ମଣ ମଲ୍ଲିକ, କାଳନ୍ଦୀ ମଲ୍ଲିକ, ପୂର୍ଣ୍ଣେନ୍ଦୁ ମିଶ୍ର, ଉମାକାନ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।



କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

# ବଳିତା ଗ୍ରାମରେ ରଜମହୋତ୍ସବ

ଯୋଡ଼ା,୧୫।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ବିରିକଳା। ପଞ୍ଚାୟତର ବଳିତା ଗ୍ରାମରେ ଚାରି ଭାୟା ପୀଢ଼ ଭୂୟାଁ ସମାଜ ପକ୍ଷରୁ ବଡ଼ ଆଡମ୍ବର ସହ ରଜ ମହୋତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ପହିଲି ରଜ ଉତ୍ସବକୁ ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ ଉଦ୍‌ଘାଟନ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମର ଆୟୋଜନ କରାଯାଇଥିଲା। ବୁଧବାର ରଜ ସଂକ୍ରାନ୍ତି ଦିନ ପୁରସ୍କାର ବିତରଣ ଉତ୍ସବରେ ବିରିକଳା ପୂର୍ବତନ ନାଏବ ସରପଞ୍ଚ ବିଷ୍ଣୁ ଖିଲାର ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଦେଓଝର ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ନାଏକ, ଟାଟା ଷ୍ଟିଲ ଲଙ୍ଗ୍ ପ୍ରଡକ୍ଟ ଶ୍ରମିକ ସଂଘର ଉପସଭାପତି ପ୍ରଫୁଲ୍ଲ ନାଏକ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହିଉତ୍ସବକୁ ଭୂୟାଁ ସମାଜର ସଭାପତି ତ୍ରିବିକ୍ରମ ନାଏକ, ନରୋତ୍ତମ ନାଏକ, ଗାଲୁ ନାଏକ, ସନ୍ତୋଷ ନାଏକ, ଜୟନ୍ତ ନାଏକ ପ୍ରମୁଖ ସାଂସ୍କୃତିକ କାର୍ଯକ୍ରମକୁ ପରିଚାଳନା କରିବା ସହିତ ଉତ୍ସବକୁ ସୁଚାରୁରୂପେ ସମାପନ କରିଥିଲେ।

# ସୀତାବିଞ୍ଜିରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ


ସୀତାବିଞ୍ଜିରେ ଶ୍ରଦ୍ଧାଳୁଙ୍କ ଗହଳି।

ଢେଙ୍କିକୋଟ,୧୫।୬(ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ସୀତାବିଞ୍ଜିଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ରଜ ମେଳା ଆରମ୍ଭ ହୋଇଯାଇଛି। ସୀତାବିଞ୍ଜି ସର୍ବଭାରତୀୟ ସ୍ତରରେ ଏକ ପୌରାଣିକ ଶକ୍ତିପୀଠ ଅଟେ। ଏଠାରେ ପ୍ରତିବର୍ଷ ରଜ ସଂକ୍ରାନ୍ତି ଠାରୁ ୩ ଦିନ ବ୍ୟାପୀ ମେଳା ଅନୁଷ୍ଠିତ ହୋଇଆସୁଛି। ଦୀର୍ଘ ଦିନ ହେଲା ମାତା ସୀତା ଠାକୁରାଣୀ ଟ୍ରଷ୍ଟ ଗଠିତ ହୋଇଛି। ଏହି ଟ୍ରଷ୍ଟରେ ସଭାପତି ଦୁଃଶାସନ ନାୟକ, ସମ୍ପାଦକ ମନୋଜ କୁମାର ନାୟକଙ୍କ ସମେତ ବିଷ୍ଣୁ ମୁଣ୍ଡା, ସୂର୍ଯ୍ୟ ନାୟକ, ମଧୁସୂଦନ ନାୟକ, ଅନାଦି ନାୟକ, ଦିବାକର ନାୟକ, ଦିବ୍ୟଲୋଚନ ମହାନ୍ତ, ସୁଦର୍ଶନ ନାୟକ ପ୍ରମୁଖ ସକ୍ରିୟ ସଦସ୍ୟ ମେଳା ଦାୟିତ୍ୱ ତୁଲାଉଛନ୍ତି। ଜିଲା ପୋଲିସ ପ୍ରଶାସନ ଓ ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ରାମଚନ୍ଦ୍ର ସଏ ସଦଳବଳେ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ରହିଛନ୍ତି।

ଏହି ଅବସରରେ ବୁଧବାର ମାଘୁ ଦେହୁରୀ, ମିଠୁ ଦେହୁରୀ, ନାରଣ ଦେହୁରୀ, କୀର୍ତ୍ତନ ଦେହୁରୀ, ରବୀନ୍ଦ୍ର ଦେହୁରୀଙ୍କ ଦ୍ୱାରା ପୂର୍ବାହ୍ନ ୬ଟାରୁ ଯଥାବିଧି ସକାଳ ଆଳତି ପୂଜା କରାଯାଇଥିଲା। ଲକ୍ଷାଧିକ ଭକ୍ତ ନଦୀରେ ବୁଡ଼ ପକାଇ ମାଆଙ୍କୁ ଦର୍ଶନ କରି ପୂର୍ବ ପୁରୁଷଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରର ବହୁ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ।

## ପଟାଦୋଳିରୁ ପଡ଼ି ଛାତ୍ର ଗୁରୁତର

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ପୌରପାଳିକା ୨୧ନଂ ତଥା ବ୍ରାହ୍ମଣୀଗାଁରେ ଦୋଳିରୁ ପଡ଼ି ଜଣେ ୧୨ବର୍ଷର ଛାତ୍ର ଆହତ ହୋଇଛନ୍ତି। ସେ ହେଲେ ଶିବୁ ନାଏକ(୧୨)। ଗତ ମଙ୍ଗଳବାର ସନ୍ଧ୍ୟାରେ ଦୋଳି ଖେଳୁଥିବା ସମୟରେ ସେ ଖସିପଡ଼ି ଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।

## ସଂକ୍ଷେପରେ

### କାଳବୈଶାଖୀରେ ଉଡ଼ିଲା ଛପର, ଜଣେ ଆହତ



ରୂପସା, ୧୫ା୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ବ୍ଲକ ଇଡ଼ିଦା ପଞ୍ଚାୟତ ଭିତରବ୍ରହ୍ମଉର ଗ୍ରାମରେ କଳାବୈଶାଖୀ ବର୍ଷା ଓ ପବନରେ ଏକ ଘରର ଛପର ଉଡ଼ିଯିବା ସହ ଘର ଭୁଶୁଡ଼ି ପଡ଼ିଛି। କିନ୍ତୁ ସୌଭାଗ୍ୟବଶତଃ ଅଳ୍ପକେ ୩ ପରିବାରର ଲୋକେ ବର୍ତ୍ତିଯାଇଛନ୍ତି। ଏହି ଗ୍ରାମର ନିତ୍ୟାନନ୍ଦ ମଣ୍ଡଳଙ୍କର ଏକ ମହଲା ଉପରେ ଥିବା ଆଜବେଷ୍ଟସ ଛପର କାଳବୈଶାଖୀ ପବନରେ ଉଡ଼ି ୧୦୦ ଫୁଟ୍ ଦୂରରେ ଥିବା ସୁକୁମାର ପ୍ରମାଣିକ ଘର ଉପରେ ପଡ଼ିଥିଲା। ଫଳରେ ତାଙ୍କ ଘର ଭାଙ୍ଗି ଯାଇଥିଲା। ଘରେ ଥିବା ଆସବାବପତ୍ର ସହ ଧାନ ଚାଉଳ ନଷ୍ଟ ହୋଇଥିବା ବେଳେ ଘର ଭିତରେ ଥିବା ତାଙ୍କର ସ୍ତ୍ରୀ ସୁଜାତା ପ୍ରମାଣିତ ଆହତ ହୋଇଥିଲେ। ଅଳ୍ପକେ ବର୍ତ୍ତି ଯାଇଥିଲେ ପରିବାରର ୪ ଜଣ ସଦସ୍ୟ। ପଡ଼ୋଶୀ ଲୋକେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଖୁବ୍‌ଶୀଘ୍ର ପ୍ରଶାସନ ତଦନ୍ତ କରି ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଯୋଗ ଶିକ୍ଷକ ତାଲିମ ଶିବିର

ବାଲେଶ୍ୱର ଅଫିସ, ୧୫ା୬-ବାଲେଶ୍ୱର ସହର ପାଣିଟାଙ୍କି ସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ଏକ ଯୋଗ ଶିକ୍ଷକ ତାଲିମ ଶିବିର ଯୋଗ ମହୋତ୍ସବ ସମିତି ବାଲେଶ୍ୱର ପକ୍ଷରୁ ଆୟୋଜିତ ହୋଇଯାଇଛି। ଶିବିରକୁ ଚିନ୍ମୟ ମିଶନ ବାଲେଶ୍ୱରର ମୁଖ୍ୟସନ୍ଥ ଅଗସ୍ତି ଚୈତନ୍ୟ ଉଦ୍‌ଘାଟନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ପ୍ରମୁଖ ବଳଭଦ୍ର ଶତପଥୀ ଅଧକ୍ଷତା କରି ଆଜିର ସମାଜରେ ଯୋଗର ଆବଶ୍ୟକତାକୁ କେହି ଅମାନ୍ୟ କରିପାରିବେ ନାହିଁ ବୋଲି କହିଥିଲେ। ବାଲେଶ୍ୱର ଯୋଗ ଅନୁଷ୍ଠାନ 'ହେଲ୍ଦି ଲାଇଫ'ର ପ୍ରତିଷ୍ଠାତା ଡ. ଚିତ୍ତରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୋଗ ଓ ଜୀବନ ଶୀର୍ଷକ ବକ୍ତବ୍ୟ ରଖିଥିଲେ। ଯୋଗଗୁରୁ ତଥା ଜିଲା ସଂଯୋଜକ ସୁଜିତ୍ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ତଥା ସହ-ସଂଯୋଜିକା ଦମୟନ୍ତୀ ମହାପାତ୍ର, ସହ-ସଂଯୋଜକ ଅଜୟ ଚୌଧୁରୀ ଓ ମାନସୀ ଦାସ ଯୋଗର କ୍ରମଗୁଡ଼ିକୁ ପ୍ରଦର୍ଶନ କରିଥିଲେ। ଏଥିରେ ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଭାଗନେଇ ଆସନ୍ତା ଜୁନ୍ ୨୧ତାରିଖ ଯୋଗଦିବସକୁ ସଫଳ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ।

### ପେଟ୍ରୋଲ ପମ୍ପରେ ଅହେତୁକ ଭିଡ଼

ଭଦ୍ରକ ଅଫିସ : ଭଦ୍ରକ ସହରର ବିଭିନ୍ନ ପେଟ୍ରୋଲ ପମ୍ପରେ ମଙ୍ଗଳବାର ସକାଳୁ ଅହେତୁକ ଭିଡ଼ ହୋଇଥିଲା। ପ୍ରତି ବାଇକ୍‌କୁ ମାତ୍ର ଶହେ ଟଙ୍କାର ପେଟ୍ରୋଲ ଦିଆଯାଉଥିଲା। ପେଟ୍ରୋଲ ନିଅଣ୍ଟ ସ୍ଥିତି ଅନୁଭବ କରି ଶହେ ଟଙ୍କାରୁ ଅଧିକ ପେଟ୍ରୋଲ ଦିଆଯାଉ ନ ଥିଲା। ଏହି ଭିଡ଼ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଲାଗି ରହିଥିଲା।

# ଜିଲା ମୁଖ୍ୟ ଚିକିତ୍ସାଳୟରେ କେନ୍ଦ୍ରୀୟ ଟିମ୍

**ବାଲେଶ୍ୱର ଅଫିସ, ୧୫ା୬**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ 'ଫ୍ରି ଟ୍ରିଟ୍‌ମେଣ୍ଟ ଫର୍ ଟ୍ରମା' ସ୍କିମ୍ ଘୋଷଣା ସମେତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଦେଶରେ ଥିବା ଟ୍ରମା ସେଣ୍ଟରଗୁଡ଼ିକୁ ଅଧିକ ଶକ୍ତିଶାଳୀ ଏବଂ ଯୋଗ୍ୟ ବିବେଚିତ କରାଯିବା ଲାଗି ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ସୁପ୍ରିମକୋର୍ଟ ଏକ କମିଟି ଗଠନ କରିଛନ୍ତି। ଟ୍ରମା ସେଣ୍ଟର ରାଜ୍ୟ ମୁଖ୍ୟ ନୋଡ଼ାଲ ଅଫିସର ଉମାକାନ୍ତ ଶତପଥୀଙ୍କ ତତ୍ତ୍ୱାବଧାନରେ ଉକ୍ତ କମିଟିର ଦୁଇ କେନ୍ଦ୍ରୀୟ ସଦସ୍ୟ ବୁଧବାର ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ପହଞ୍ଚି ଟ୍ରମାସେଣ୍ଟର ସହ ସହଯୋଗୀ ବିଭାଗଗୁଡ଼ିକ ବୁଲି ଦେଖିଥିଲେ।

ବୁଧବାର ପୂର୍ବାହ୍ନରେ ଉକ୍ତ କମିଟି ପହଞ୍ଚି ପରିଦର୍ଶନ କରିଥିଲେ। ଟ୍ରମା ସେଣ୍ଟର ସହ ଜଡ଼ିତ ଜରୁରୀକାଳୀନ ମେଡ଼ିସିନ ୱାର୍ଡ଼, ସର୍ଜରୀ, ଅର୍ଥପେଡ଼ିକ୍, ଆନାସ୍ଥେସିଆ ଓ ରେଡ଼ିଓଲୋଜି ବିଭାଗ ସହ ଏମ୍‌ଆର୍‌ଆଇ, ସିଟି ସ୍କାନ, ଅଲଟ୍ରାସାଉଣ୍ଡ, ଜିଲା ରକ୍ତଭଣ୍ଡାର ଓ ଔଷଧ ବିତରଣ କେନ୍ଦ୍ରକୁ ବୁଲି ଦେଖିଥିଲେ। ବିଭାଗଗୁଡ଼ିକରେ ଥିବା ବ୍ୟବସ୍ଥା ଓ ଆବଶ୍ୟକତା ସମ୍ପର୍କରେ ଏହି ଟିମ୍ ଯାଞ୍ଚ କରିବା ସହିତ ସମସ୍ତ ତଥ୍ୟ ମେଡ଼ିକାଲ କର୍ତ୍ତୃପକ୍ଷଙ୍କଠାରୁ ନେଇଥିଲେ। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ 'ଫ୍ରି ଟ୍ରିଟ୍‌ମେଣ୍ଟ ଫର୍ ଟ୍ରମା' ସ୍କିମ୍‌ରେ ଆବଶ୍ୟକତା ଥିବା ସରଞ୍ଜାମ ଓ ବ୍ୟବସ୍ଥାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ପୂରଣ କରିବେ ଜଣାପଡ଼ିଛି। କେନ୍ଦ୍ରୀୟ ସଦସ୍ୟଙ୍କ ସହିତ ମେଡ଼ିକାଲ କଲେଜ ଡିନ୍ ଡା. ରାମଚନ୍ଦ୍ର ଗିରି, ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଜାତା ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ ପ୍ରମୁଖ ବିଭାଗୀୟ ମୁଖ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏନେଇ ରାଜ୍ୟ ମୁଖ୍ୟ ନୋଡ଼ାଲ ଅଫିସର ଉମାକାନ୍ତ ଶତପଥୀ କହନ୍ତି, ଟ୍ରମା ସେଣ୍ଟରକୁ ଆସୁଥିବା ବିଭିନ୍ନ ରୋଗୀଙ୍କୁ କିପରି ଶୀଘ୍ର, ସହଜ ଓ ବିନା ଅର୍ଥରେ ଚିକିତ୍ସା କରାଯିବ ସେଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ 'ଫ୍ରି ଟ୍ରିଟ୍‌ମେଣ୍ଟ ଫର୍ ଟ୍ରମା' ସ୍କିମ୍‌ର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାର ୩୩ଟି ଫ୍ରି ଟ୍ରମା ସେଣ୍ଟର ରହିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଟ୍ରମା ସେଣ୍ଟରରେ କିପରି ଉତ୍ତମ ଚିକିତ୍ସା ହୋଇପାରିବ କମିଟି ମାଧ୍ୟମରେ ରିପୋର୍ଟ ହାସଲ କରୁଛନ୍ତି। କେଉଁଠି କ'ଣ ନାହିଁ, ଅସୁବିଧା, ଆବଶ୍ୟକତା ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ ହେଉଛି। ଦୁଇଜଣିଆ କେନ୍ଦ୍ରୀୟ ଟିମ୍ ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ପହଞ୍ଚିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଟ୍ରମା ସେଣ୍ଟର ଲେଭଲ-୩ ଅଟେ। ଏହା ଇଣ୍ଟିଗ୍ରେଟେଡ୍ ଅବସ୍ଥାରେ ରହିଛି। ଏହାକୁ ଲେଭଲ-୨ ଓ ଲେଭଲ-୧ରେ ପରିଣତ କରିବା ପାଇଁ ଆବଶ୍ୟକ। ସେଥିପାଇଁ ଯେଉଁ ପଦକ୍ଷେପ ଆବଶ୍ୟକ ତାହା ସଦସ୍ୟମାନେ ଅନୁଧ୍ୟାନ କରିଥିବା ପ୍ରକାଶ କରିଥିଲେ।



ଫକୀରମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ବୁଲି ଦେଖୁଛନ୍ତି କେନ୍ଦ୍ରୀୟ ଟିମ୍।

### ଟ୍ରମା ସେଣ୍ଟର ବୁଲି ଦେଖିଲେ

ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ପ୍ରଶାସନିକ ଅଧିକାରିଣୀ ମନୋରମା ଭୂୟାଁ କହନ୍ତି, ଟ୍ରମା ସେଣ୍ଟର ପରିଭ୍ରମଣ ସହ କେନ୍ଦ୍ରୀୟ ସଦସ୍ୟ ଉକ୍ତ ବିଭାଗ ସହ ଜଡ଼ିତ ସମସ୍ତ ବିଭାଗକୁ ବୁଲି ଦେଖିଥିଲେ। ସମସ୍ତ ବିଭାଗ ପରିଚାଳନା, ପରିଷ୍କାର, ପରିଚ୍ଛନ୍ନତା, ଯନ୍ତ୍ରାଂଶର ବ୍ୟବହାର ଉପରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ରୋଗୀମାନଙ୍କୁ ସେବା ଯୋଗାଇବାର ପଦ୍ଧତି ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା କରି ଏକ ରିପୋର୍ଟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି।

## ଉଡ଼ା ଯାତ୍ରାରେ ଜମିଲା ଭିଡ଼

**କୁଆମରା,୧୫ା୬(ଡି.ଏନ.ଏ.)**

ରଜ ସଂକ୍ରାନ୍ତି ଉପଲକ୍ଷେ ଗୋପବନ୍ଧୁନଗର ବ୍ଲକର ଆରପଟା ପଞ୍ଚାୟତ ସ୍ଥିତ ପାଳଶା, କୁଆମରା, ପଶୁଦା ଓ ଭାନପୁରଠାରେ ମା' ବାସୁଳୀ ଓ ମଙ୍ଗଳାଙ୍କ ପୀଠରେ ଉଡ଼ାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ପାରମ୍ପରିକ ଏହି ଉଡ଼ା ଯାତ୍ରା ୩ଦିନ ପୂର୍ବରୁ ଆରମ୍ଭ ହୋଇଥାଏ। ଉକ୍ତ ଉଡ଼ାଯାତ୍ରାରେ ଭକ୍ତା ଭାବେ କୁଆମରାରେ ୧୩ ଜଣ, ପଶୁଦାରେ ୧୧ ଜଣ, ପାଳଶାରେ ୧୪ ଜଣ ଓ ଭାନପୁରଠାରେ ୮ଜଣ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଦାସୀ ଭାବେ ସନ୍ତୋଷ ରଣା, ପିଣ୍ଟୁ ଦେହୁରୀ, ଅନାଦି ଦଳେଇ, ଲାଲ ମୋହନ ଦଳେଇ, ସନ୍ୟାସୀ ନାୟକ କାର୍ଯ୍ୟ ତୁଲାଇଥିଲେ। ଏହାର ୩ଦିନ ପୂର୍ବରୁ ଭକ୍ତା ମାନଙ୍କଦ୍ୱାରା ପ୍ରତି ସନ୍ଧ୍ୟାରେ ପୃଥକ ନିଆଁପାଟ, କଣ୍ଟାପାଟ, ଝୁଲାପାଟ ପ୍ରଭୃତି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ପୁଷ୍କରିଣୀରୁ ଘଟ ଅଣାଯାଇ ବାସୁଳୀଙ୍କ ନିକଟରେ ସ୍ଥାପନ କରାଯାଇଥିଲା। ୪ଟି ସ୍ଥାନରେ ମାନସିକ ଅନୁଯାୟୀ ଚଳିତ ବର୍ଷ ମୋଟ ୫୪ ଜଣ ଉପାସକ ପିଠିରେ କଣ୍ଟା ଫୋଡ଼ା କାର୍ଯ୍ୟ କରିଥିବା ଦେଖିବାକୁ ମିଳିଥିଲା।

# ବାଲେଶ୍ୱରରେ ରସଗୋଲା ମହୋତ୍ସବ

**ବାଲେଶ୍ୱର ଅଫିସ, ୧୫ା୬**

ବାଲେଶ୍ୱର ସହର ଏଡ଼ିଏମ୍ ଛକସ୍ଥିତ ବ୍ରିଟ୍ କଲ୍ୟାଣମଣ୍ଡପ ପରିସରରେ ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟ ତରଫରୁ ରସଗୋଲା ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ରଜ ଉପଲକ୍ଷେ ରସଗୋଲା ମହୋତ୍ସବ ଏବଂ ପୋଡ଼ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରସଗୋଲାର ପ୍ରାଚୀନତାକୁ ବଜାୟ ରଖିବା ପାଇଁ ଟ୍ରଷ୍ଟ ପକ୍ଷରୁ ପ୍ରୟାସ କରାଯାଇଥିଲା।

### ପିଠା ପ୍ରଦର୍ଶନ କଲେ ମହିଳା

ଉତ୍ସବକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ରସଗୋଲା ଦୋକାନୀମାନେ ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ମିଠା ପ୍ରଦର୍ଶନ କରିଥିଲେ। ସେହିପରି ମହିଳାମାନେ ସେମାନଙ୍କ ହାତ ତିଆରି ପିଠା ପ୍ରଦର୍ଶନ କରିବା ସହ ବିକ୍ରି କରିବାର ସୁଯୋଗ ପାଇଥିଲେ। ପ୍ରାୟ ୫୦ଜଣ ମହିଳା ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା ପ୍ରଦର୍ଶନ କରିବା ସହ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପସ୍ଥିତ ଦର୍ଶକମାନେ ମିଠା ଓ ପିଠାର ସୁଆଦକୁ ଉପଭୋଗ କରିବା ସହ ଘରକୁ ମଧ୍ୟ କିଣିକି ନେଇଥିଲେ। ସେହିପରି ଗତ ୩ବର୍ଷ ଧରି କୋଭିଡ୍ କଟକଣା ଯୋଗୁ ପାଳନ କରାଯାଇ ନ ଥିବାବେଳେ ଚଳିତବର୍ଷ ରଜ ପାଳନକୁ ନେଇ ଲୋକଙ୍କ ମନରେ ଉତ୍ସାହ ଭରି ରହିଥିଲା।



ରସଗୋଲା ମହୋତ୍ସବରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଦୋକାନଗୁଡ଼ିକୁ ବୁଲି ଦେଖୁଛନ୍ତି।

## ଦୁର୍ଘଟଣାରେ ପୂର୍ବତନ ଏବିଇଓଙ୍କ ମୃତ୍ୟୁ

**ରୂପସା, ୧୫ା୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଦଣ୍ଡିକା ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ପୂର୍ବତନ ଏବିଇଓଙ୍କ ମୃତ୍ୟୁ ଘଟିଛି। ମୃତ ଏବିଇଓ ହେଲେ ଦାଣ୍ଡି ଗ୍ରାମର ଜଗଦୀଶ ଚନ୍ଦ୍ର ଦାସ।ଗତ ୧୩ତାରିଖରେ ବାଲେଶ୍ୱରରୁ ବାଇକ୍ ଯୋଗେ ସେ ତାଙ୍କ ପୁତୁରାଙ୍କ ସହ ଘରକୁ ଫେରୁଥିଲେ। ଦଣ୍ଡିକା ପୋଲ ଉପରେ କୌଣସି ଅଜଣା ଗାଡି ଧକ୍କାରେ ବାଇକ୍‌ରୁ ଖସି ୨ଜଣ ଗୁରୁତର ଆହତ ହୋଇଥିଲେ। ଉପସ୍ଥିତ ଲୋକେ ଥାନାକୁ ଖବର ଦେବା ସହ ଆହତଦ୍ୱୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଜଗଦୀଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁତୁରା ପ୍ରକାଶ ଦାସଙ୍କୁ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ବସ୍ତା ଥାନା ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ ଜଗଦୀଶ ବସ୍ତା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏବିଇଓ ଭାବେ ଅବସର ଗ୍ରହଣ କରିଥିଲେ। ବହୁ ଜନପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ପ୍ୟାରୀମୋହନଙ୍କ ଜୀବନାଦର୍ଶ ଭବିଷ୍ୟତ ପିଢ଼ି ପାଇଁ ମାର୍ଗଦର୍ଶନ

**ଭୋଗରାଇ, ୧୫ା୬(ଡି.ଏନ.ଏ.)**

ଆପୋଷହୀନ ଧାରାର ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସ ଥିଲେ ସ୍ୱାଧୀନତା ଆନ୍ଦୋଳନର ଜାଗ୍ରତ ପ୍ରହରୀ। ଛାତ୍ର ଜୀବନରୁ ଗାନ୍ଧିଜୀ ଓ ନେତାଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜଣେ ସଂଗ୍ରାମୀ ଭାବେ ଓଡିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ନିଷ୍ଠା ଓ ତ୍ୟାଗ ଭବିଷ୍ୟତ ପିଢ଼ି ପାଇଁ ମାର୍ଗଦର୍ଶନ ହେବ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନେଗୁଆଁ ଛକଠାରେ ପ୍ୟାରୀମୋହନ ଦାସ ସେବା ପରିଷଦ ଓ ଦୁର୍ଗା ଦାସ ଫାଉଣ୍ଡେଶନ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ ଓ ୧୦୯ତମ ଜନ୍ମତିଥିରେ ବହୁ ବିଶିଷ୍ଟ ଅତିଥି ମତ ପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ପ୍ୟାରୀମୋହନ ସେବା ପରିଷଦ ସମ୍ପାଦିକା ଅପର୍ଣ୍ଣା ମହାପାତ୍ର, ରାଜ୍ୟ ବିଜେଡି ମୁଖପାତ୍ର ଗୌତମ ବୁଦ୍ଧ ଦାସ, ଶିକ୍ଷାବିତ୍ ସନ୍ତୋଷ କୁମାର ପାତ୍ର, ବିପଦ ଭଞ୍ଜନ ମିଶ୍ର, କଲେଜ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସାମାଜିକ କର୍ମୀ ଆଶିଷ ଦାସ, ରାଜକୁମାର ଦାସ, ନିଶେଷ ଦେବ, ସାହିତ୍ୟିକ ସୁଶାନ୍ତ କୁମାର ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଭୋଗରାଇ ମାଟିର ତଲାଡ଼ି ଗ୍ରାମରେ ଜନ୍ମିତ ଏହି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନାଦର୍ଶ, ପ୍ରଜା ଆନ୍ଦୋଳନ, ଲବଣ ସତ୍ୟାଗ୍ରହରେ ନିଜକୁ ସାମିଲ କରି ସ୍ୱଦେଶୀ ଆନ୍ଦୋଳନକୁ ତେଜିୟାନ କରିଥିଲେ ବୋଲି ପଥପ୍ରାନ୍ତ ସଭାରେ ମତବ୍ୟକ୍ତ କରିଥିଲେ।

## ରଙ୍ଗତୂଳୀ ଦେଇଛି ପରିଚୟ



**ଦେବେନ୍ଦ୍ର ଆନ୍ଦିଆ**
**ଧାମନଗର ,୧୫ା୬**

### ନିଆରା ଚିତ୍ରଶିଳ୍ପୀ ଶିକ୍ଷୟିତ୍ରୀ ସୁମିତ୍ରା

କାନଭାସରେ ନିଃସ୍ୱ ମଣିଷଙ୍କ ଅକୁହା କଥାକୁ ଚିତ୍ରରେ ରୂପ ଦେଉଛନ୍ତି। ସେ ଯେଉଁ ଚିତ୍ର ଆଙ୍କୁଛନ୍ତି ଦେଖିଲେ ଫଟୋର ଭ୍ରମ ସୃଷ୍ଟି କରିବ ନିଶ୍ଚୟ। ଏକ ଅଖ୍ୟାତ ପଲ୍ଲୀରେ ଜନ୍ମ ନେଇ ନିଜର ପ୍ରତିଭା ପ୍ରତିପାଦନ କରିଥିବା ଏହି ଚିତ୍ରଶିଳ୍ପୀ ଶିକ୍ଷୟିତ୍ରୀ ହେଲେ ସୁମିତ୍ରା ଦାସ। ଘର ଭଦ୍ରକ ଜିଲା ଧାମନଗର ବ୍ଲକ ମାନଲାପୁର ଗ୍ରାମରେ। ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚନ୍ଦ୍ର ଦାସ ଓ ମା ଗୃହିଣୀ ଶାନ୍ତିଲତା ଦାସଙ୍କ ଝିଅ ସେ। ସୁମିତ୍ରା ପିଲାବେଳୁ ଚିତ୍ର ଆଙ୍କିବାର ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ସାକାର କରିବା ପାଇଁ ଆର୍ଟରେ ଡିଗ୍ରୀ, ପିଜି ଓ ଏମ୍‌ଫିଲ କରିଛନ୍ତି। ୨୦୧୬ରୁ ମାଷ୍ଟର ଆର୍ଟ ବିଭାଗରେ ଦେହୁଡ଼ି ଆନନ୍ଦପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି। ଜଗନ୍ନାଥ, ଗଣେଶ, କୃଷ୍ଣ ଓ କୁନି କୁନି ପିଲାଙ୍କ ଚିତ୍ର ଆଙ୍କି ଲୋକପ୍ରିୟତା ହାସଲ କରିଛନ୍ତି। ସୁମିତ୍ରା ଆଙ୍କିଥିବା ଚିତ୍ର ପାଖରୁ ନିରୀକ୍ଷଣ କରି ଦେଖିଲେବି ଜାଣି ହେବନି ଏହା ଅଙ୍କା ଯାଇଛି ନା ଜୀବନ୍ତ। ସମସ୍ତେ ପେଣ୍ଟିଂ କରୁଛନ୍ତି ସତ ମୁଁ କିନ୍ତୁ ରିଏଲ ପେଣ୍ଟିଂକୁ ପସନ୍ଦ କରେ ବୋଲି ସୁମିତ୍ରା କହିଛନ୍ତି।

ପ୍ରତ୍ୟହ ସକାଳୁ ନିତ୍ୟକର୍ମ ସାରି ସେ ବାହାରିଥାନ୍ତି କର୍ମକ୍ଷେତ୍ର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟକୁ ଶିକ୍ଷାଦାନ କରିବା ପାଇଁ। ସ୍କୁଲରୁ ଫେରି ବସି ପଡନ୍ତି ରଙ୍ଗତୂଳୀ ଧରି। ଆଉ ଆଙ୍କି ଚାଲନ୍ତି କଥା କୁହା ଜୀବନ୍ତ ଛବି।

ସୁମିତ୍ରା ଅନେକ ଚିତ୍ର ଆଙ୍କିଛନ୍ତି ସତ ହେଲେ ବଣ ମଲ୍ଲୀ ବଣରେ ମଉଳିବା ଭଳି ତାଙ୍କ ପ୍ରତିଭାର ବିକାଶ ପାଇଁ ଉପଯୁକ୍ତ ପ୍ରୋତ୍ସାହନ ମିଳି ପାରୁନି। ସୁମିତ୍ରା କୁହନ୍ତି ଦଶ ବର୍ଷ ହେଲା ଚିତ୍ର ଆଙ୍କି ଆସୁଛି, ହେଲେ ସରକାରଙ୍କ ପକ୍ଷରୁ ଚିତ୍ରଶିଳ୍ପୀଙ୍କ ପାଇଁ କୌଣସି ପ୍ରୋତ୍ସାହନ ନାହିଁ। ଏମିତି କି ପ୍ରତ୍ୟେକ ରବିବାର ସୁମିତ୍ରା ତାଙ୍କ ଘରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ଚିତ୍ରକଳା ଶିକ୍ଷା ଦେଉଛନ୍ତି। ସରକାର ବ୍ଲକସ୍ତରରେ ଗୋଟିଏ ଲେଖାଏ ଚିତ୍ରକଳା ସ୍କୁଲ ଖୋଲି ଛୋଟ ପିଲାଙ୍କୁ ଶିକ୍ଷା ଦେଲେ ଦିନକୁଦିନ ଲୋକପ୍ରିୟତା ହରାଉଥିବା ଏହି ଚିତ୍ରକଳା ଉଜ୍ଜୀବିତ ହୋଇ ରହିପାରନ୍ତା ବୋଲି ସେ ମତ ପୋଷଣ କରିଛନ୍ତି।

## ଷଠୀରେ ଖୁଜେଶ୍ୱର ମହୋତ୍ସବ



ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ବାହାନଗା, ୧୫ା୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଷଠୀ ଗ୍ରାମରେ ଖୁଜେଶ୍ୱର ମହୋତ୍ସବ ସୋମବାର ରାତିରେ ଅନୁଷ୍ଠିତ ହୋଇଛି। ଏହାକୁ ବାଲେଶ୍ୱର ଜିଲା ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଉଦଘାଟନ କରିଥିଲେ। ମଞ୍ଚ ମାଧ୍ୟମରେ ଆଗାମୀ ଦିନରେ ନୂତନ ପ୍ରତିଭା ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ମହାପାତ୍ର କହିଥିଲେ। ମୁଖ୍ୟବକ୍ତା ଭାବେ ଅମୃତାଂଶୁ ପଟ୍ଟନାୟକ ଯୋଗଦେଇ ମହୋତ୍ସବ ବାବଦରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ପତି ଯେନା, ବାବା ଖୁଜେଶ୍ୱର କଳା ମନ୍ଦିର ପ୍ରତିଷ୍ଠାତା ଶଶୀକାନ୍ତ ଦାସ, ଗୋଟିପୁଅ ନାଚର ଗୁରୁଜୀ ବିଜୟ କୁମାର ସାହୁ, ଗୁରୁ ବିଜୟ କୁମାର ଦାଶ, ଯାତ୍ରା ଅଭିନେତା ଲୋକନାଥ ଲେଙ୍କା, ଅବସରପ୍ରାପ୍ତ ଯାତ୍ରା ହାସ୍ୟ ଅଭିନେତା ରସରାଜ ମଣିଭଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ସ୍ୱର୍ଗତ କୈଳାସ ଚନ୍ଦ୍ର ଦାସଙ୍କ ପୁଅକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗୁରୁ ବିଜୟ କୁମାର ଦାଶ, ମଣିଭଦ୍ର ବିଶ୍ୱାଳ, ଗୁରୁ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ହରିହର ବାରିକ ,ମନୋଜ କୁମାର ପଣ୍ଡା ପ୍ରମୁଖ କଳାକାରଙ୍କୁ ଫୁଲ ତୋଡା ଓ ଗଛ ଚାରା, ମାନପତ୍ର, ଜଗନ୍ନାଥଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସାଧାରଣ ସଭାରେ ବିଜୟ କୁମାର ଦାସ ସଭାପତିତ୍ୱ କରିଥିଲେ। ମନୋଜ କୁମାର ପଣ୍ଡା ପରିଚାଳନା କରିଥିଲେ। ପରେ ଛୋଟଛୋଟ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପିଲା ଚୋର ସନ୍ଦେହରେ ଯୁବକଙ୍କୁ ବାନ୍ଧି ପିଟିଲେ

**ଭଦ୍ରକ ଅଫିସ, ୧୫ା୬**

ପିଲା ଚୋର ସନ୍ଦେହରେ ଭଦ୍ରକ ସହର ମଧ୍ୟରେ ଥିବା ଟ୍ରାଫିକ ପୋଷ୍ଟରେ ଜଣେ ଯୁବକଙ୍କୁ ବାନ୍ଧି ବୁଧବାର ସ୍ଥାନୀୟ ଲୋକେ ନିସ୍ତୁକ ମାଡ଼ ମାରିଛନ୍ତି। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଯୁବକଙ୍କୁ ଉଦ୍ଧାର କରିବା ସହ ଜଣେ ଛୋଟ ପିଲାକୁ ତାଙ୍କ କବଳରୁ ଉଦ୍ଧାର କରିଛନ୍ତି। ଭଦ୍ରକର ଜନଗହଳିପୂର୍ଣ୍ଣ ବନ୍ତ ଛକ ନିକଟରେ ସନ୍ଦେହଜନକ ଅବସ୍ଥାରେ ଯୁବକ ଜଣକ ଗୋଟିଏ ଛୋଟ ପିଲାଟି ସହ କିଛି କଥା ହେଉଥିଲେ। ଏପରିକି ପିଲାଟିର ଆଧାର କାର୍ଡ ମାଗିବା ସହ ସାଇକେଲରେ ବସିବା ପାଇଁ କହିଥିଲେ। କେତେକ ସ୍ଥାନୀୟ ଲୋକ ଯୁବକଙ୍କ ଉପରେ ସନ୍ଦେହ କରିଥିଲେ। ଯୁବକଙ୍କର ଏଭଳି ଆଚରଣରୁ ତାଙ୍କୁ ପିଲା ଚୋର ବୋଲି ସନ୍ଦେହ କରିଥିଲେ। ଟାଉନ ପୋଲିସ ପହଞ୍ଚି ଯୁବକ ଓ ନାବାଳକଙ୍କୁ ଉଦ୍ଧାର କରି ଥାନାକୁ ନେଇ ଘଟଣା ବିଷୟରେ ଅଧିକ ତଦନ୍ତ କରୁଛି।

## ପ୍ରମାଣପତ୍ର ମିଳିବାରେ ବିଳମ୍ବ

**ଠାକୁରମୁଣ୍ଡା,୧୫ା୬(ଡି.ଏନ.ଏ.)**

### ଠାକୁରମୁଣ୍ଡା ତହସିଲ

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ତହସିଲରେ ଜାତିଗତ ପ୍ରମାଣ ପତ୍ର, ସ୍ଥାୟୀ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣ ପତ୍ର ମିଳିବାରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ଏନେଇ ବ୍ଲକର ବିଭିନ୍ନ ସ୍ଥାନରେ ସ୍ଥାପନ ହୋଇଥିବା ଜନସେବା କେନ୍ଦ୍ରର ପରିଚାଳକ ଓ କରଞ୍ଜିଆ ଓକିଲ ସଂଘର କର୍ମକର୍ତ୍ତାମାନେ ସ୍ଥାନୀୟ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯଦି ଆଗାମୀ ଦିନରେ ଏହାର ସମାଧାନ ନ ହୁଏ ତେବେ କୌଣସି ଛାତ୍ରୀଛାତ୍ର ଓ ଦରଖାସ୍ତକାରୀଙ୍କଠାରୁ ଆବେଦନ ଗ୍ରହଣ କରିବେ ନାହିଁ ବୋଲି ଜନସେବା କେନ୍ଦ୍ର ପରିଚାଳକମାନେ ଜଣାଇଛନ୍ତି।

ଅଭିଯୋଗ ଅନୁଯାଇ ଜନସେବା କେନ୍ଦ୍ର ମାଧ୍ୟମରେ ବିଭିନ୍ନ ପ୍ରକାର ପ୍ରମାଣ ପତ୍ର ପାଇଁ ଜନସାଧାରଣ ଆବେଦନ କରିଥିଲେ ମଧ୍ୟ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଅନ୍ୟ ତହସିଲ କର୍ମଚାରୀମାନେ ସରକାରଙ୍କ ପ୍ରମାଣ ପତ୍ର ପାଇବା ପାଇଁ ଥିବା ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପ୍ରଦାନ କରୁନାହାଁନ୍ତି। ଯାହାଦ୍ୱାରା ଉଚ୍ଚ ଶିକ୍ଷା, ଚାକିରି ପାଇଁ ଆବେଦନ କରିବାରୁ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି। ପ୍ରମାଣ ପତ୍ର ପାଇଁ ଆବେଦନ କରି ଦୀର୍ଘ ୩।୪ ମାସର ଉର୍ଦ୍ଧ୍ୱ ସମୟ ଲୋକଙ୍କୁ ଅପେକ୍ଷା କରିବାକୁ ପଡୁଛି। ସେହିପରି ରାଜସ୍ୱ ନିରୀକ୍ଷକମାନେ ସଠିକ ତଦନ୍ତ ନ କରିବା ସହ ଭୁଲ ତଥ୍ୟ ଦେଉଥିବା କାରଣରୁ ପ୍ରମାଣ ପତ୍ର ପାଇବାରେ ଆବେଦନକାରୀମାନଙ୍କୁ ଅନେକ ହଇରାଣ ହେବାକୁ ପଡୁଛି। ଏ ସଂକ୍ରାନ୍ତରେ ଅତିରିକ୍ତ ତହସିଲଦାର ବିଷ୍ଣୁ ଚରଣ ବାରିକଙ୍କୁ ପଚାରିବାରୁ ଇଣ୍ଟରନେଟ୍ ସେବା ବାଧାପ୍ରାପ୍ତ ହେବା ଏବଂ ତହସିଲରେ ଅନ୍ୟାନ୍ୟ କାର୍ଯ୍ୟ ରହୁଥିବାରୁ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ହେଉଥିବା କହିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର ସଚେତନତା କାର୍ଯ୍ୟକ୍ରମ

**ସୋର, ୧୫ା୬(ଡି.ଏନ୍.ଏ.)**

ସୋର ବ୍ଲକ ଅଧୀନ କେଦାରପୁର ଗ୍ରାମସ୍ଥ ଭୂମିପୁତ୍ର ସେବା ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦୁର୍ବ୍ୟବହାର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରତିଷ୍ଠାନ ସମ୍ପାଦକ ଶିଶିର କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅସୀମ ରଞ୍ଜନ ଖୁଣ୍ଟିଆ ଓ ନୀଳକଣ୍ଠ ଦାସ ଯୋଗଦେଇ ସାମ୍ପ୍ରତିକ ସମୟରେ ବରିଷ୍ଠ ନାଗରିକଙ୍କ ପ୍ରତି ହେଉଥିବା ଅବହେଳା, ପାରିବାରିକ ହିଂସା ଓ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ସାମାଜିକ ପ୍ରତିବଦ୍ଧତା ରହୁ ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ପରିବାର ଓ ସମାଜର ଉନ୍ନତି ପାଇଁ ଜୀବନକୁ ଉତ୍ସର୍ଗ କରି ଏବେ ଜୀବନର ଅପରାହ୍ନରେ ଦୁର୍ଦ୍ଦିନରେ କାଳ କାଟୁଥିବା ବରିଷ୍ଠଙ୍କ ପ୍ରତି ଆମ ସମସ୍ତଙ୍କର ସମ୍ବେଦନଶୀଳତା ରହିବା ଏକ ନୈତିକ କର୍ତ୍ତବ୍ୟବୋଧ ବୋଲି ଏକ ସଚେତନତା ବାର୍ତ୍ତା ଦିଆଯାଇଥିଲା। ରୁଦ୍ରନାରାୟଣ ପଣ୍ଡା, ଜୟପ୍ରକାଶ ଦାସ, ହରିଶ୍ଚନ୍ଦ୍ର ଲେଙ୍କା, କିଶୋର କୁମାର ଜେନା ଓ ପୂର୍ଣ୍ଣିମା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଓ ବରିଷ୍ଠ ନାଗରିକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବରିଷ୍ଠ ନାଗରିକ।

## ଗ୍ୟାସ ସିଲିଣ୍ଡର ଫାଟିଲା

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଜାମୁଡ଼ିହା ଗ୍ରାମରେ ଗ୍ୟାସ ସିଲିଣ୍ଡର ଫାଟିବାରୁ ଘର ଭାଙ୍ଗି ଛାର ଖାର ହୋଇ ଯାଇଥିବାବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୁଧବାର ଅପରାହ୍ଣ ସାଢ଼େ ୨ଟାରେ ପୀତାମ୍ବର ପ୍ରଧାନଙ୍କ ଘର ଲୋକେ ରୋଷେଇ କରୁଥିବା ବେଳେ ଗ୍ୟାସ ଲିକ କରିଥିଲା। ତୁରନ୍ତ ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଲୋକେ ତାହାକୁ ପଦାକୁ ଧାଇଁ ପଳାଇ ଆସିଥିଲେ। ପରେ ସିଲିଣ୍ଡର ଫାଟିବା ଯୋଗୁ ଘର କାନ୍ଥ ଭୁଶୁଡ଼ି ପଡ଼ିବା ସହ କବାଟ ଭାଙ୍ଗି ଯାଇଥିଲା।

## ସଂକ୍ଷେପରେ

### ଖୋ-ଖୋରେ ରୌପ୍ୟ ଆଣିଲେ କେନ୍ଦୁଝରର ଦୁଇ ଛାତ୍ରୀ



କେନ୍ଦୁଝର, ୧୫।୬(ସ୍ୱ.ପ୍ର.): ଓଡ଼ିଶାର କେନ୍ଦୁଝର ଜିଲାର ଦୁଇ ବାଳିକା ଖୋ-ଖୋ ଦଳରେ ରୌପ୍ୟ ପଦକ ହାସଲ କରିଛନ୍ତି। ହରିୟାଣା ପଞ୍ଚକୁଲା ଠାରେ ଅନୁଷ୍ଠିତ ହୋଇଥିବା ଖେଲ ଇଣ୍ଡିଆ ୟୁଥ ଗେମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିଶାଗାଡ଼ିଆ ସ୍କୁଲର ମୋନିକା ନାଏକ ଓ କ୍ଷଣପ୍ରଭା ନାୟକ ଅଂଶ ଗ୍ରହଣ କରିଥିଲେ। ଓଡିଶା ଓ ମହାରାଷ୍ଟ୍ର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଓଡିଶା ବାଳିକା ଦଳ ରୌପ୍ୟ ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଦୁଇ ବାଳିକାଙ୍କୁ ଜିଲା ଖୋ-ଖୋ କୋଚ ପ୍ରକାଶ କୁମାର ବେଜ ଓ ମ୍ୟାନେଜର ସୁବ୍ରତ ଲେଙ୍କା, ଜିଲା କ୍ରୀଡା ଅଧିକାରୀ ରମେଶ କୁମାର ପାଢ଼ି ବିଜୁପଟ୍ଟନାୟକ ବିମାନ ବନ୍ଦରରେ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଦେଇଥିଲେ ।

### ବଜ୍ରପାତରେ ଆହତ ନାବାଳିକାଙ୍କ ମୃତ୍ୟୁ

କପ୍ତିପଦା,୧୫।୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ କଟୁରିଆ ଗ୍ରାମର ଜଣେ ନାବାଳିକାଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ସେ ହେଲେ ଗୁମି ମୁର୍ମୁ। ମଙ୍ଗଳବାର ସନ୍ଧ୍ୟାରେ ଘର ବାରଣ୍ଡାରେ ବସିଥିବା ବେଳେ ବଜ୍ରପାତ ଯୋଗୁ ସେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଶରତ ଡାକ୍ତରଖାନା ଓ ପରେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବୋଲେରୋ ଧକ୍କାରେ ଜଣେ ମୃତ

ପାଟଣା,୧୫।୬(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଡୁମୁରିଗୋଡା ନିକଟରେ ବୁଧବାର ଜଣେ ବ୍ୟକ୍ତି ରାସ୍ତା ପାର ହେଉ ଥିବା ବେଳେ ଏକ ବୋଲେରୋ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସାହାରପଡା ବ୍ଲକ ଗୋରାଣ୍ଡିଯୋଡି ଗ୍ରାମର ସୁରେନ୍ଦ୍ର ଦଳେଇ। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୯୨/୨୨) ରୁଜୁ ହୋଇଛି। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବଜ୍ରପାତରେ ଜଣେ ମୃତ

ବାଲେଶ୍ୱର ଅଫିସ, ୧୫।୬- ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ରଣସାହି ପଞ୍ଚାୟତ ତପସୀ ଗ୍ରାମର ବିଷ୍ଣୁ ଦାସ (୩୫)ଙ୍କ ମୃତଦେହ ବୁଧବାର ପୂର୍ବାହ୍ଣରେ ନିକଟସ୍ଥ ଚାଷଜମିରୁ ପୋଲିସ ଜବତ କରିଛି। ବିଷ୍ଣୁ ଗତ ମଙ୍ଗଳବାର ଅପରାହ୍ଣରେ ଘରୁ ବାହାରି ବିଲକୁ ଯାଇଥିଲେ। ଉକ୍ତ ସମୟରେ ହଠାତ୍ ଆସିଥିବା କାଳବୈଶାଖୀ ବର୍ଷା ଓ ବଜ୍ରାଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ବୁଧବାର ଲୋକମାନେ ବିଲକୁ ଯିବା ସମୟରେ ଏକ ମୃତଦେହ ପଡ଼ିଥିବା ଦେଖି ଗାଁଲୋକଙ୍କୁ ଡାକିଥିଲେ। ଏହା ବିଷ୍ଣୁଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। ସାମାଜିକ କର୍ମୀ ଚନ୍ଦନ ମଲ୍ଲିକ ଚାନ୍ଦିପୁର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

### ଅଗ୍ନି ବିପନ୍ନଙ୍କୁ ସହାୟତା

ଭଦ୍ରକ ଅଫିସ,୧୫।୬- ଭଦ୍ରକ ଜିଲା ଧାମନଗର ବ୍ଲକର ଦଇପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ସର୍ବଶାନ୍ତ ହୋଇଥିବା ବିପନ୍ନ ପରିବାରଙ୍କୁ ଭଦ୍ରକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଶହୀଦ୍ ଭଗତ୍ ସେନା ପକ୍ଷରୁ ମଙ୍ଗଳବାର ସହାୟତା ପ୍ରଦାନ କରାଯାଇଛି। ସୋମବାର ବିଳମ୍ବିତ ରାତିରେ ଉକ୍ତ ଗ୍ରାମର ଉମାଶଙ୍କର ପଣ୍ଡାଙ୍କର ଘର ପୋଡ଼ି ଯାଇଥିଲା। ଖବର ପାଇ ଶହୀଦ୍ ଭଗତ୍ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସେନାର ଏକ ପ୍ରତିନିଧି ଦଳ ଦଇପୁର ଗ୍ରାମକୁ ଯାଇ ବିପନ୍ନ ପରିବାରକୁ ଖାଦ୍ୟ ସାମଗ୍ରୀ ସହିତ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଛନ୍ତି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ମହାପାତ୍ର ଦାବି କରିଛନ୍ତି।

# ଉତ୍ସବମୁଖର ସରପୋଖରୀ ଆଡ଼ି

## ଧୁମ୍‌ଧାମ୍‌ରେ ପାଳନ ହେଉଛି ଋଷ୍ୟଶୃଙ୍ଗ, ଶାନ୍ତାକନ୍ୟା ବିବାହ

ବାସୁଦେବପୁର,୧୫।୬(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପଢୁଁଆ ପଞ୍ଚାୟତର ସରପୋଖରୀଆଡ଼ିଠାରେ ଋଷ୍ୟଶୃଙ୍ଗ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ତଥା ବିରଜା ପଞ୍ଜିକା ପଞ୍ଜୀକୃତ ହୋଇଥିବା ଋଷ୍ୟଶୃଙ୍ଗ-ଶାନ୍ତାକନ୍ୟାଙ୍କ ବିବାହ ଉତ୍ସବ ପାଳନ କରାଯାଉଛି। ୩ ଦିନ ଧରି ବିବାହ ଉତ୍ସବ ବିଧିପୂର୍ବକ ଅନୁଷ୍ଠିତ ହେଉଛି। ଏନେଇ ସରପୋଖରୀ ଆଡ଼ି ଉତ୍ସବ ମୁଖରିତ ହେବା ସହିତ ୬୮ ତମ ଉତ୍ସବ ପାଳନ କରାଯାଉଛି। ମଙ୍ଗଳବାର ଶତାଧିକ ଗ୍ରାମବାସୀ କାଁଶବାଁଶ ନଦୀ ପର୍ଯ୍ୟନ୍ତ ଏକ କଳସ ଶୋଭାଯାତ୍ରାରେ ଯାଇ କଳସ ବୁଡ଼ାଇଥିଲେ। ବୁଧବାର ବିଧିପୂର୍ବକ ଏହି ବିବାହ କରାଯାଇଛି। ପୂଜା ମଣ୍ଡପରେ ଋଷିପୁତ୍ର ଋଷିଶୃଙ୍ଗ, ଶାନ୍ତାକନ୍ୟା, ରାଜା ଦଶରଥ, କୌଶଲ୍ୟା, ଋଷି ବିଭାଣ୍ଡକ, ଜରତା ଗଣିକା, ଗଙ୍ଗା ଶିବ ସମେତ ବିଭିନ୍ନ ଦେବାଦେବୀଙ୍କର ବିଗ୍ରହକୁ ସୁସଜ୍ଜିତ କରାଯାଇ ଯଜ୍ଞ ତଥା ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଋଷ୍ୟଶୃଙ୍ଗଙ୍କ ପିତା ଭାବେ ନୀଳକଣ୍ଠ ଦାସ, ମାତା ଭାବେ ଝରଣା ଦାସ, ଶାନ୍ତାକନ୍ୟାଙ୍କ ପିତା ଭାବେ ବିଜୟ ପଣ୍ଡା, ମାତା ଭାବେ ସୁଚିସ୍ମିତା ପଣ୍ଡା ଉପସ୍ଥିତ ରହି ବିବାହ କାର୍ଯ୍ୟ ସମାପନ କରିଥିଲେ। ଏହି ଯଜ୍ଞ ଓ ବିବାହ ଉତ୍ସବ ଅନୁଷ୍ଠାନର ସଭାପତି ନିତ୍ୟାନନ୍ଦ ଦାସ, ସମ୍ପାଦକ ଚନ୍ଦ୍ରକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୩ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଯଜ୍ଞ ଓ ବିବାହ ଉତ୍ସବରେ ପଣ୍ଡିତ ଶାନ୍ତନୁ କୁମାର ପଣ୍ଡା, ମୁକ୍ତିକାନ୍ତ କର, ଅମରେନ୍ଦ୍ର ଦୀକ୍ଷିତ, ଦତ୍ତାତ୍ରେୟ କର, ଜଗତ ଜୀବନ ପଣ୍ଡା ପ୍ରମୁଖ ଯୋଗଦାନ କରି ପୂଜାର୍ଚ୍ଚନା ଓ ଯଜ୍ଞ ତୁଲାଇଥିଲେ।



ଋଷ୍ୟଶୃଙ୍ଗ ଓ ଶାନ୍ତାକନ୍ୟାଙ୍କ ବିଗ୍ରହ।

# ବିପ୍ଳବୀ ବୀର କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଚାନ୍ଦବାଲି,୧୫।୬(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମଉସୁଧାଠାରେ ନବଯୁଗ ଜନକଲ୍ୟାଣ ପରିଷଦ ପକ୍ଷରୁ କନିକା ପ୍ରଜା ଆନ୍ଦୋଳନର ଅନ୍ୟତମ ନେତା ବିପ୍ଳବୀ ବୀର କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଆଇନଜୀବୀ ନରେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପଞ୍ଚାନନ ପଲାଇ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ମହାନ୍ତି, ଅନ୍ୟତମ ଅତିଥି ଭାବେ ସଂଗଠନର ସମ୍ପାଦକ ମୁରଲୀଧର ପରିଡ଼ା, ସାଧୁଚରଣ ନାୟକ, ସିପିଆଇ(ଏମ୍) ଭଦ୍ରକ ଜିଲା କମିଟି ସଭ୍ୟ ବିକାଶ ନାଥ, ଆଇନଜୀବୀ ମଳୟ ଭୋଇ ପ୍ରମୁଖ ଯୋଗଦେଇ କନିକା ପ୍ରଜାଆନ୍ଦୋଳନରେ ବିପ୍ଳବୀ କୃଷ୍ଣଚନ୍ଦ୍ରଙ୍କ ଭୂମିକା, ସଂଘର୍ଷ ଓ ତ୍ୟାଗ ସମ୍ପର୍କରେ ଆଲୋଚନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମହିଳା ନେତ୍ରୀ କାମିନୀ ଭୋଇ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ପୁରୁଷୋତ୍ତମ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅକ୍ଷୟ ପରିଡା, ଶମ୍ଭୁନାଥ ପରିଡ଼ା, ଶଙ୍କର୍ଷଣ ପରିଡ଼ା, ପୀତାମ୍ବର ଦାସ, ସୁରେନ୍ଦ୍ର ବେହେରା ପ୍ରମୁଖ ବିପ୍ଳବୀ କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପପ୍ରଦାନ କରିଥିଲେ। ଏହି ଉତ୍ସବରେ ଚାନ୍ଦବାଲି, ମତୋ, ମଉସୁଧା, ମୃଗନୟନୀ ଅଞ୍ଚଳର ଅନେକ ଚାଷୀ, ଭାଗଚାଷୀ, ଶ୍ରମିକ, କର୍ମଚାରୀ, ବୁଦ୍ଧିଜୀବୀ, ଛାତ୍ର ଯୋଗଦେଇଥିଲେ।

# ଯୁବ ଚିତ୍ରଶିଳ୍ପୀଙ୍କୁ ଅନୁପ୍ରାଣିତ କରିବ ଚିତ୍ରକଳା ପ୍ରଦର୍ଶନୀ



ଚିତ୍ରକଳା ପ୍ରଦର୍ଶନୀରେ ଉପସ୍ଥିତ ଅତିଥିଗଣ।

ବାଲେଶ୍ୱର ଅଫିସ, ୧୫।୬

ବାଲେଶ୍ୱର ଆଞ୍ଚଳିକ ଚିତ୍ରକଳା ଗ୍ୟାଲେରୀ ମଲ୍ଲିକାଶପୁର ସଂସ୍କୃତି ଭବନଠାରେ ଜିଲାରେ ସୁନାମ ଅର୍ଜନ କରିଥିବା ଚିତ୍ରଶିଳ୍ପୀମାନଙ୍କୁ ନେଇ ଏକ ଚିତ୍ରକଳା ପ୍ରଦର୍ଶନୀ ୟଙ୍ଗ ହାର୍ଟସ୍ ପକ୍ଷରୁ ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ଏଭଳି ଚିତ୍ରକଳା ପ୍ରଦର୍ଶନୀ ଦ୍ୱାରା ଜିଲାରେ କଳା ଆଉ ଗୋଟିଏ ପାଦ ଉନ୍ନତି କରିଛି। ଏହି ପ୍ରଦର୍ଶନୀ ଯୁବ ଚିତ୍ରଶିଳ୍ପୀମାନଙ୍କୁ ବହୁ ମାତ୍ରାରେ ଅନୁପ୍ରାଣିତ କରିପାରିବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ସବିତା ସାହୁ ଏବଂ ଅନ୍ୟାନ୍ୟ ଅତିଥି ଭାବେ ପୌର ଉପାଧ୍ୟକ୍ଷ କୈଳାସ ସେଠୀ, କାଉନସିଲର ସନ୍ଧ୍ୟାରାଣୀ ଜେନା, ପୂର୍ବତନ କାଉନସିଲର ମନୋଜ କୁମାର ରାଉତ ଓ ବିଶ୍ୱଜିତ ମହାପାତ୍ର ଉପସ୍ଥିତ ଥିଲେ।

ଅନୁପ ଚାନ୍ଦ, ଉମେଶ ନାୟକ, ଡାଇନା ମହାପାତ୍ର, ସୁଜିତ ମଲ୍ଲିକ, ଅଭିଜିତ ମହାନ୍ତି, ସୁଭ୍ରା ଚାନ୍ଦ, ପ୍ରସୁନ ଭରଦ୍ୱାଜ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ବିଶ୍ୱଜିତ୍ ପଣ୍ଡା ଦିଲ୍ଲୀରେ ରହୁଥିଲା ବେଳେ ପ୍ରବୀର ଦଲାଇ, ପଞ୍ଚାନନ ସାମଲ ଓ ଚନ୍ଦନ ସାମଲ ଭୁବନେଶ୍ୱରରେ ଏବଂ ଅରୁଣ ଜେନା, ମରୁତ ରାଉତ ବାଲେଶ୍ୱରରେ ରହି କଳାର ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି। ଏହି ୧୪ଜଣ ଚିତ୍ରଶିଳ୍ପୀ ବାଲେଶ୍ୱର ନିବାସୀ କିନ୍ତୁ ଭାରତ ଓ ଭାରତ ବାହାରେ ଚିତ୍ରକଳା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଜାତୀୟ, ଆନ୍ତର୍ଜାତୀୟ ଚିତ୍ର ପ୍ରଦର୍ଶନୀରେ ଭାଗନେବା ସହିତ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି। ୟଙ୍ଗ ହାର୍ଟସ୍ କଳାକ୍ଷେତ୍ରର ଉନ୍ନତି ପାଇଁ ବହୁ ବର୍ଷ ଧରି ଏପରି କାର୍ଯ୍ୟ କରିଆସୁଛି ବୋଲି ସମ୍ପାଦକ ଦେବଦତ୍ତ ମହନ୍ତ ପ୍ରକାଶ କରିଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ଯୋଡ଼ା, ୧୫।୬ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ୧୩ନଂ ୱାର୍ଡ ମାଙ୍ଗିଲାଲ ହଟିଂର ଜଣେ ଯୁବକ ନିଜ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ କଙ୍କା ମୁଣ୍ଡା। ଯୁବକ ଜଣକ ତାଙ୍କ ପରିବାର ସହିତ ମାଙ୍ଗିଲାଲ ହଟିଂରେ ରହୁଥିଲେ। ସେ ପୂର୍ବରୁ ପ୍ରେମ ବିବାହ କରିଥିଲେ । କିନ୍ତୁ ସେଥିରେ ବିଫଳ ହେବାରୁ ତାଙ୍କ ସ୍ତ୍ରୀ ତାଙ୍କୁ ଛାଡି ଚାଲିଯାଇଥିଲେ। ଏହି ଘଟଣାକୁ ନେଇ ସେ ସବୁବେଳେ ବିଶାଦଗ୍ରସ୍ତ ରହୁଥିବା ପାଖ ପଡ଼ୋଶୀଙ୍କ ଠାରୁ ଜାଣିବାକୁ ମିଳିଛି। ଏନେଇ ଘରେ କଳି ଝଗଡା ହୋଇଥାଏ । ତେବେ ବୁଧବାର ଏନେଇ ସେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୋଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା (ନଂ. ୨୦/୨୨) ରୁଜୁ କରିଛି।

# ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ସୋର, ୧୫।୬(ଡି.ଏନ୍.ଏ.)

ମଙ୍ଗଳବାର ରାତିରେ ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆସାହି ଗ୍ରାମର ଜଣେ ବୃଦ୍ଧ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡ଼ାରେ ବୁଧବାର ପ୍ରାଣ ହରାଇଛନ୍ତି। ଏହି ଗ୍ରାମର ଶିବ ବାରିକ (୭୦) ରାତିରେ ଖାଇପିଇ ଶୋଇବା ପରେ ବିଳମ୍ବିତ ରାତିରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସେ ମଶା କି ବିଛା କାମୁଡ଼ିଥିବା ଭାବି ଶୋଇପଡ଼ିଥିଲେ। କିଛି ସମୟ ପରେ ତାଙ୍କ ପାଟିରୁ ଗରଳ ବାହାରିବା ସହିତ ବାନ୍ତି ହେବାରୁ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ବାଲେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହକୁ ନୂଆସାହିକୁ ଅଣାଯାଇ ସତ୍କାର କରାଯାଇଛି।

# ଡୁଙ୍ଗୁରା ପୁରାତନ ଛାତ୍ର ପରିଷଦର ପ୍ରତିଷ୍ଠା ଦିବସ



ନାଟ୍ୟକାର ସୁଦର୍ଶନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୧୫।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ଦର୍ଶନ ପ୍ରସାଦ ହାଇସ୍କୁଲ ପୁରାତନ ଛାତ୍ର ପରିଷଦର ୧୮ତମ ପ୍ରତିଷ୍ଠା ଦିବସ ପବିତ୍ର ରଜ ସଂକ୍ରାନ୍ତି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ମାୟାଧର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାକୁ ବିଶିଷ୍ଟ ଆଇନଜୀବୀ ପ୍ରତାପ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ନରହରି ମହାନ୍ତି, ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟ ଇତିହାସ ପ୍ରାଧ୍ୟାପକ ବିକ୍ରମ କେଶରୀ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ ତିହିଡି ବିନ୍ଧାବଜାର ସାହିତ୍ୟ ସଂସ୍କୃତି ପରିଷଦ ସମ୍ପାଦକ ମଥୁରୀମୋହନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସ୍କୁଲ ଉନ୍ନତିରେ ପୁରାତନ ଛାତ୍ରଙ୍କର ବହୁତ ବଡ ଭୂମିକା ରହିଛି ବୋଲି କହିଥିଲେ। ଅବସରପ୍ରାପ୍ତ ଇଂଲିଶ ପ୍ରାଧ୍ୟାପକ ବ୍ରଜମୋହନ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦର୍ଶନ ପୃଷ୍ଟିଙ୍କ ଦ୍ୱାରା ପ୍ରସ୍ତୁତ ଅଧ୍ୟାତ୍ମିକ ପ୍ରବନ୍ଧ 'ଜ୍ଞାନାଞ୍ଜନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଜଣେ ସୁନାମଧନ୍ୟ ନାଟ୍ୟକାର ଭାବେ ପରିଚିତ ଶତାୟୁ ପୁରୁଷ ସୁଧାଂଶୁ ଶେଖର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନଶିକ୍ଷକ ମାୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା କନିଷ୍ଠ ରଗବୀ ଦଳରେ ମୟୂରଭଞ୍ଜର ୫ ବାଳିକା



ରଗ୍‌ବୀ ଦଳରେ ସାମିଲ ହୋଇଥିବା ୫ ଖେଳାଳି।

ଠାକୁରମୁଣ୍ଡା,୧୫।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ୫ ବାଳିକା ୧୨ ଜଣିଆ ଓଡ଼ିଶା କନିଷ୍ଠ ବାଳିକା ରଗବୀ ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ପାର୍ବତୀ ହାଁସଦା, ଆରତୀ ମୁର୍ମୁ, ସୁନୀତା ହାଁସଦା, ସନ୍ଧ୍ୟାରାଣୀ ଟୁଡୁ ଓ ପାର୍ବତୀ ସୋରେନ। ଓଡ଼ିଶା ରଗବୀ ଦଳ ଆସନ୍ତା ଜୁନ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ବିହାର ପାଟନାଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ କନିଷ୍ଠ ଟୁର୍ଣ୍ଣାମେଣ୍ଟରେ ଯୋଗଦେବ। ଖେଳାଳିମାନଙ୍କ ଏହି ସଫଳତା ପାଇଁ ସମାଜସେବୀ ତଥା ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ନିର୍ଦ୍ଦେଶକ ଅମର ସେଠୀ, ମଙ୍ଗଲ ହାଁସଦା, ବାରିପଦା ଶାଖା ପରିଚାଳକ ରଞ୍ଜିତ ରାଉତ, କୋଚ ନିରଞ୍ଜନ ବିଶାଳ, ରୂପାଲି ସୋରେନ ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

# ନବବଧୂଙ୍କୁ ହତ୍ୟା ଅଭିଯୋଗ

ବାଲେଶ୍ୱର ଅଫିସ, ୧୫।୬

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ଛଣପୁର ଗ୍ରାମର କାଶୀନାଥ ବେହେରାଙ୍କ ପତ୍ନୀ ମିନାକ୍ଷୀ (୨୨)ଙ୍କର ବୁଧବାର ମୃତ୍ୟୁ ହୋଇଛି। ତାଙ୍କ ଝିଅକୁ ଅଧିକ ଯୌତୁକ ଦାବିରେ ହତ୍ୟା କରାଯାଇଥିବା ନେଇ ମିନାକ୍ଷୀଙ୍କ ବାପା ଗଙ୍ଗାଧର ବେହେରା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଗତ ୨୦୨୧ ଜୁନ୍ ୬ ତାରିଖରେ କାଶୀନାଥଙ୍କ ସହ ସିଂଲା ଥାନା ଅଧୀନ ବୁଲଙ୍ଗ ଗ୍ରାମର ମିନାକ୍ଷୀଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପର ମୁହୂର୍ତ୍ତରେ ଝିଅର ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଦାବି କରି ବାରମ୍ବାର ନିର୍ଯ୍ୟାତନା ଦେଉଥିଲେ। ଏପରିକି ଅଧିକ ଯୌତୁକ ଦାବି କରି ସବୁ ନ ଆଣିଲେ ଜୀବନରୁ ମାରିଦେବା ପାଇଁ ବହୁତ ଥର ଧମକ ମଧ ଦେଉଥିଲେ। ଏନେଇ ମିନାକ୍ଷୀ ପୂର୍ବରୁ ବାପାଙ୍କ ସହ ପରିବାରର ଅନ୍ୟମାନଙ୍କୁ ଜଣାଇଥିଲେ। ପୂର୍ବାହ୍ଣ ୯ଟାରେ ମିନାକ୍ଷୀ ତାଙ୍କ ମାଉସୀଙ୍କ ସହ ଫୋନ୍‌ରେ କଥା ହୋଇ ଶୀଘ୍ର ମୋତେ ଏଠୁ ନେଇଯାଅ ବୋଲି ଅନୁରୋଧ କରିଥିଲେ। । କିନ୍ତୁ ପୂର୍ବାହ୍ଣ ୧୦ଟାରେ ତା'ର ଶ୍ୱଶୁର ଫୋନ୍ କରି ଜଣାଇଲେ ଯେ, ଝିଅର ମୃତ୍ୟୁ ହୋଇଥିବା ଜଣାଇଥିଲେ। ବାପଘର ଲୋକେ ପହଞ୍ଚି ଝିଅ ବିଛଣାରେ ମରି ପଡ଼ିଥିବା ଦେଖିଥିଲେ। ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।



ଘଟଣାସ୍ଥଳରେ ପୋଲିସ୍ ତଦନ୍ତ କରୁଛି।

# ଭତ୍ତା ପାଇବାରୁ ବଞ୍ଚିତ ଦିବ୍ୟାଙ୍ଗ ଗୋଲା ମୁଣ୍ଡା

ଚମ୍ପୁଆ, ୧୫।୬(ଡି.ଏନ.ଏ.)

ଭିନ୍ନକ୍ଷମ, ଅସହାୟ ଓ ବୃଦ୍ଧାବୃଦ୍ଧାଙ୍କ ପାଇଁ ସରକାର ମାସିକ ଭତ୍ତା ବ୍ୟବସ୍ଥା କରିଥିବା ବେଳେ ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତର କଞ୍ଚନପୁର ଗ୍ରାମ ଭୂମିଜ ସାହିରେ ଥିବା ଗୋଲା ମୁଣ୍ଡାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି ଏହାର ବିପରୀତ। ଜନ୍ମରୁ ବିକଳାଙ୍ଗ ଗୋଲା ମୁଣ୍ଡା। ତାଙ୍କ ପ୍ରକୃତ ଘର ବଡବିଲ କାଶିଆ ଅଞ୍ଚଳରେ ହୋଇଥିବା ବେଳେ ଛୋଟ ବେଳୁ ମା'ବାପାଙ୍କୁ ହରାଇ ନିଜ ଭିଣୋଇ ଘରେ ରହି ଆସୁଥିଲେ। ସମୟ ବଢ଼ିବା ସହ ବିକଳାଙ୍ଗ ହେତୁ କୌଣସି କାମ ଦାମ କରି ପାରୁ ନ ଥିବା ବେଳେ ସେ ସରକାରୀ ଯୋଜନାରେ ସାମିଲ ହୋଇ ମାସିକ ୩୦୦ ଟଙ୍କା ଲେଖାଏଁ ଭତ୍ତା ପାଇ ଆସୁଥିଲେ। ମାତ୍ର ବିଡମ୍ବନାର ବିଷୟ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ୨୦୧୭ ମସିହା ଅଗଷ୍ଟ ୧୧ ତାରିଖରେ ଶେଷ ୩୦୦ ଟଙ୍କା ଭତ୍ତା ଦିଆଯାଇଥିଲା। ବିକଳାଙ୍ଗ ହେତୁ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ସମ୍ଭବ ହେଉ ନଥିବା ବେଳେ ଆଗାମୀ ମାସରେ ପଞ୍ଚାୟତ ପକ୍ଷରୁ ତାଙ୍କ ଭତ୍ତା କଟିଯାଇଛି ବୋଲି ସୂଚନା ମିଳିଥିବା ଗୋଲା ପ୍ରକାଶ କରିଛନ୍ତି। ସେ ଆଜି ପର୍ଯ୍ୟନ୍ତ ୫୭ ମାସ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଭତ୍ତା ନେବା ପାଇଁ ଅସମର୍ଥ ଥିବା ଲୋକଙ୍କ ନିମନ୍ତେ ପଞ୍ଚାୟତ ପକ୍ଷରୁ ସୁବ୍ୟବସ୍ଥା କରାଯାଇ ପିଇଓଙ୍କ ମାଧ୍ୟମରେ ଘରେ ଭତ୍ତା ଦେବାର ବ୍ୟବସ୍ଥା ଦେବାର ରହିଥିଲେ ମଧ ଗୋଲାଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇନାହିଁ। ଏସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ହରିହର ଦାସ କହିଛନ୍ତି, ତାଙ୍କ ଭତ୍ତା ବିଷୟରେ ସମାଜ ମଙ୍ଗଳ ଅଧିକାରୀଙ୍କ ଜରିଆରେ ବିଡିଓଙ୍କ ସହ ଆଲୋଚନା କରି ତୁରନ୍ତ ଦେବାର ବ୍ୟବସ୍ଥା କରାଯିବ।



# ମା' ବାସନ୍ତୀ ଚଢ଼େୟା ନାଟ ଦଳ ପ୍ରଥମ

ବାଲେଶ୍ୱର ଅଫିସ,୧୫।୬

ବାଲେଶ୍ୱର ଜିଲା ବାମପଦାସ୍ଥିତ ନୋସି ଉତ୍କଳ ଶିଳ୍ପଗ୍ରାମରେ ଜଗନ୍ନାଥଙ୍କ ସ୍ନାନ ପୂର୍ଣ୍ଣିମା ତିଥିରେ ପଟ୍ଟିଦିଅଁ ବିଜେ ଆରମ୍ଭ ହୋଇଛି। ନୀଳଗିରି, ଶାସଙ୍ଗ, ମୋତିଗଞ୍ଜ, ଜୟଦେବ କସବା, ରେମୁଣା, ମଙ୍ଗଳପୁର, ଭୋଗରାଇ, ଦୁବଲାଗଡ଼ିର ଜଗନ୍ନାଥ ମନ୍ଦିର ତଥା ଘରୋଇ ପୂଜା ପାଇଁ ପୂଜକମାନେ ଆସି ଖୋଳ, କରତାଳ, ତୂରୀ, ଘଣ୍ଟା ଆଦି ବଜାଇ ପାରମ୍ପରିକ ରୀତିରେ ପଟ୍ଟିଦିଅଁଙ୍କ ବିଜେ ଉତ୍ସବ ପାଳନ କରାଯାଇଥିଲା।

ବାଲେଶ୍ୱରୀ କଳାକେନ୍ଦ୍ର ଓ ନୋସି କଲଚ୍ୟୁରାଲ ଏକାଡ଼େମୀ ଦ୍ୱାରା ଆୟୋଜିତ ୮ ମ ପଟ୍ଟିଦିଅଁ ଅଙ୍କନ ଉତ୍ସବ ଓ ୧ମ ବାଲେଶ୍ୱରୀ ଚଢ଼େଇୟା ନାଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ସୁବାସିନୀ ଜେନା, ଅନ୍ୟତମ ଅତିଥି ଭାବେ ଚଢେଇୟା ନାଟ ପ୍ରତିଯୋଗିତାର ବିଚାରକ ଚନ୍ଦନ ଦାସ ଯୋଗ ଦେଇଥିଲେ। ଜଉକଣ୍ଡେଇ ବାହାଘର ଉତ୍ସବ କମିଟି ସମ୍ପାଦକ ଡ କୁମାର ଗୋପାଳ ସଭାପତିତ୍ୱ କରିଥିଲେ। ଅନନ୍ତ ବାସୁଦେବଙ୍କ ସ୍ୱୀକୃତିପ୍ରାପ୍ତ ଚିତ୍ରକର ଅରୁଣ ବାରିକ ପ୍ରାକ୍ ସୂଚନା ଦେଇଥିଲେ। ମା' ଭୁବନେଶ୍ୱରୀ ସ୍ୱୀକୃତିପ୍ରାପ୍ତ ଚିତ୍ରକର ଦେବାଶିଷ ପତି ସ୍ୱାଗତ କରିଥିବା ବେଳେ ଅନନ୍ତ ନାରାୟଣ ସ୍ୱୀକୃତିପ୍ରାପ୍ତ ଚିତ୍ରକର ଶିଳ୍ପୀ କେଶୁଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ପଟ୍ଟିଦିଅଁ କର୍ମଶାଳାରେ ଅଂଶଗ୍ରହଣ କରିଥିବା ୧୫ ଶିଳ୍ପୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ଜଣେ ସଫଳ ଉଦ୍‌ଘୋଷିକା ଭାବେ ଅମିତା ରାଣୀ ସିଂହଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାଲେଶ୍ୱରୀ ଚଢେୟା ନାଟ ପ୍ରତିଯୋଗିତାରେ ବାଲେଶ୍ୱର ସଦର ବ୍ଲକ ଅଧୀନ ବୁଆଁଳ ଗ୍ରାମର ମା' ବାସନ୍ତୀ ଚଢେୟା ନାଟ ଦଳ ପ୍ରଥମ ପୁରସ୍କାର ପାଇଥିବା ବେଳେ ରେମୁଣା ବ୍ଲକର ଗୁଡୁଦାପୋଟଣା ଗ୍ରାମର ମା' ଭଗବତୀ କଳା ନିକେତନ ୨ୟ ସ୍ଥାନ ଓ ଖନ୍ତାପଡ଼ାର ଗ୍ରାମ୍ୟ ସଂସ୍କୃତି କଳାକାର ସଂଘ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସେହିପରି ଶ୍ରେଷ୍ଠ ଚଢ଼େୟାଣୀ ମା' ଭଗବତୀ ଦଳର ପଞ୍ଚାନନ ଦଳାଇ ମଧ ପୁରସ୍କୃତ ହୋଇଛନ୍ତି।



ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥି।

